୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27. No.116 Bhubaneswar Sunday June 15 2025 ୨୭ତମ ବର୍ଷ ସଂଖ୍ୟା-୧୧୬ ଭୁବନେଶ୍ୱର ରବିବାର, ଜୁନ ୧୫, ୨୦୨୫ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ଜୁନ ୨୦ରେ ବିଜେପିର ବର୍ଷପୂର୍ତ୍ତି ଉତ୍ସବ, ଆସିବେ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର,୧୪।୬(ପି.ଏନ) ବର୍ଷକ ମଧ୍ୟରେ ଷଷ୍ଠ ଥର ପାଇଁ ଓଡିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ । କେନ୍ଦ୍ର ସରକାରଙ୍କ ୧୧ବର୍ଷ ଓ ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଜନତା ମଇଦାନରେ ଲକ୍ଷାଧିକ ଲୋକଙ୍କ ସମାବେଶ ଆଶା କରାଯାଉଛି । ଆବାସ ଯୋଜନାରୁ ବଞ୍ଚିତ ଏବଂ ବିପର୍ଯ୍ୟୟର ଶିକାର ହିତାଧିକାରୀଙ୍କୁ ପକ୍କାଘର ଯୋଗାଇବା ପାଇଁ ରାଜ୍ୟ ସରକାର ଆଣିଛନ୍ତି ଅନ୍ତ୍ୟୋଦୟ ଗୃହ ଯୋଜନା । ଏହି ଯୋଜନାରେ ୫୦ ହଜାର ହିତାଧିକାରୀଙ୍କୁ ଗୃହ ବଣ୍ଟନ କରିବେ ପ୍ରଧାନମନ୍ତ୍ରୀ । ମହାପୁରୁଷମାନଙ୍କ ଗାଁକୁ ଆଦର୍ଶ ଗ୍ରାମ ଯୋଜନାର ଶୁଭାରମ୍ଭ କରିପାରନ୍ତି ପ୍ରଧାନମନ୍ତ୍ରୀ। ଏହା ସହ ରାଜ୍ୟ ସରକାରଙ୍କ ଆଉ କିଛି ନୂଆ ଯୋଜନା, ପ୍ରକଳ୍ପର ଲୋକାର୍ପଣ ବି ପ୍ରଧାନମନ୍ତ୍ରୀ କରିବାର ସମ୍ଭାବନା ରହିଛି । ଅପରାହ୍ନ ୩ଟା ବିମାନବନ୍ଦରରେ ପହଞ୍ଚିବା ପରେ ତିରଙ୍ଗା ଯାତ୍ରା ଓ ରୋଡ ସୋରେ ଲୋକଙ୍କ ଅଭିବାଦନ ଗ୍ରହଣ କରି ଜନତା ମଇଦାନରେ ପହଞ୍ଚିବେ ମୋଦି। ବର୍ଷ ପୂର୍ତ୍ତି ଉତ୍ସବ ପାଇଁ ସରକାର ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦେଇଛନ୍ତି ।ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ଚଳଚଞ୍ଚଳ ବିଜେପି ଶିବିର। ପ୍ରସ୍ତୁତି ବୈଠକରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତି ବିଧାୟକ ଓ ସାଂସଦମାନଙ୍କ ସହ ଆଲୋଚନା କରିଛନ୍ତି । ଜନତା ମଇଦାନରେ ଲକ୍ଷାଧିକ ଲୋକଙ୍କ ସମାଗମ ଥିବାରୁ ଉପକୂଳ ଜିଲ୍ଲାରୁ ଅଧିକ ଆସିବାର ସମ୍ଭାବନା ରହିଛି। ବର୍ଷକ ତଳେ ସରକାରର ଶପଥ ଗ୍ରହଣ ଉତ୍ସବରେ ସାମିଲ ହୋଇଥିଲେ ପ୍ରଧାନମନ୍ତ୍ରୀ। ବର୍ଷକ ମଧ୍ୟରେ ବିଜେପି ସରକାର ଲୋକଙ୍କ କାମ କେତେ କରିଛି, ପ୍ରତିଶୃତି କେତେ ପୂରଣ ହୋଇଛି, କେନ୍ଦ୍ର ର ୧୧ବର୍ଷ ସରକାରର ଉପଲବ୍ଧି କ'ଣ? ଏ ବାବଦରେ ଲୋକଙ୍କୁ ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ। ବର୍ଷ ପୂର୍ତ୍ତି ଉତ୍ସବକୁ ନେଇ ବିଜେପି କର୍ମୀ ଉତ୍ସାହିତ ଅଛନ୍ତି । ପ୍ରଧାନମନ୍ତ୍ରୀଙ୍କ ବାରମ୍ବାର ଓଡିଶା ଗସ୍ତ ଯୋଗୁଁ କେନ୍ଦ୍ର ସରକାରଙ୍କ ଫୋକସରେ ଓଡିଶା ରହିଛି ବୋଲି ସ୍ପଷ୍ଟ ହେଉଛି। ଜୁନ୍ ୨୦ ତାରିଖରୁ ବର୍ଷ ପୂର୍ତ୍ତି ଉତ୍ସବ ପାଇଁ ଜନତା ମଇଦାନରେ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ରମନ୍ତ୍ରୀମାନେ ମଧ ଉତ୍ସବରେ ସାମିଲ ହେବେ। ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀମାନଙ୍କ ସହ ସରକାରୀ ଦଳର ପଦାଧିକାରୀ, ବିଧାୟକ ଓ ସାଂସଦମାନେ ମଧ ଉପସ୍ଥିତ ରହିବେ।

## ଅହମ୍ମଦାବାଦ ପ୍ଲେନ୍ କ୍ରାସ ପରେ ପଶିଲା ଚେତା, ତୁରନ୍ତ ବେଆଇନ କୋଠା ହଟାଇବାକୁ ବିଏମସିକୁ ଚିଠି



ଭୁବନେଶ୍ୱର,୧୪।୬(ପି.ଏନ) ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦର ଚାରିପାଖେ ରହିଛି ବଡ଼ ବଡ଼ ଅଟ୍ଟାଳିକା । ତାସହିତ ରନ୍‌ୱେ ପାଖରେ ଠିଆ ହୋଇଛି ବଡ଼ ବଡ଼ ଗଛ । ଭୁବନେଶ୍ୱର ବିମାନ ବନ୍ଦରରେ ହେଉଛି ଅସୁରକ୍ଷିତ ଟେକଅଫ୍ ଓ ଲ୍ୟାଣ୍ଡିଂ । ଯେ କୌଣସି ସମୟରେ ଘଟିପାରେ ଅହମ୍ମଦାବାଦ ପ୍ଲେନ୍? କ୍ରାସ ପରି ଘଟଣା । ଏଭଳି ଆଶଙ୍କା କରିଛନ୍ତି ଭୁବନେଶ୍ୱର ବିମାନବନ୍ଦର କର୍ତ୍ତୃପକ୍ଷ । ଉଦବେଗ ପ୍ରକାଶ କରି ତୁରନ୍ତ ଗଛ କାଟିବା ସହ ବେଆଇନ ଅଟ୍ଟାଳିକା ହଟାଇବାକୁ ବିଏମ୍‌ସିକୁ ଚିଠି ଲେଖିଛନ୍ତି ବିମାନବନ୍ଦର ନିର୍ଦ୍ଦେଶକ । ସାମାନ୍ୟ ନଜର ହଟିଲେ ଦୁର୍ଘଟଣା ସୁନିଶ୍ଚିତ । ବିମାନ ବନ୍ଦରରୁ ୬୦ ମିଟର ଯାଏ କେ?ଣସି ନିର୍ମାଣ କାର୍ଯ୍ୟ ହେବା କଥା ନୁହେଁ । ହେଲେ ବିମାନ ବନ୍ଦରର ଟେକଅଫ୍ ଓ ଲ୍ୟାଣ୍ଡିଂ ପଏଣ୍ଟ ବାହାରେ ଗଢି ଉଠିଛି ବଡ଼ ବଡ଼ ବିଲଡିଂ । ରନଓ୍ୱେ କଡ଼ରେ ଠିଆ ହୋଇଛି ଓୟୁଏଟିର ବଡ଼ ବଡ଼ ନଡ଼ିଆ ଗଛ ।ହାଉଜାଉ ଆମିଷ ଦୋକାନ ଯୋଗୁଁ ବିମାନକୁ ରହିଛି ପକ୍ଷୀ ମାଡ଼ ଭୟ । ବରମୁଣ୍ଡା, ଓୟୁଏଟି, କାର୍ଗିଲ ରୋଡ, ଜାଗମରା ଓ ଗଣ୍ଡମୁଣ୍ଡା ଆଖପାଖରେ ସର୍ଭେ କରାଯାଇ ବିଏମସି କର୍ତ୍ତୃପକ୍ଷଙ୍କୁ ତାଲିକା ବି ଦେଇଛନ୍ତି ବିମାନ ବନ୍ଦର କର୍ତ୍ତୃପକ୍ଷ । ବିମାନ ବନ୍ଦର ସେଫଟି ଯାଞ୍ଚ ପାଇଁ ଜୁନ ୩୦ରେ ଫୁଲସ୍କେଲ ରିହାର୍ସଲ କରିବାକୁ ଡିଜିସିଏ ନିର୍ଦ୍ଦେଶ ଦେଇଛି । ବିଲଡିଂ ଭଙ୍ଗା ଓ ଗଛ କଟା ପ୍ରସ୍ତାବକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିଶେଷଜ୍ଞ । ବିମାନ ବନ୍ଦର ପାଖରେ ବିଲଡିଂ ନିର୍ମାଣ ପୂର୍ବରୁ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ଅନୁମତି ନେବା କଥା । ହେଲେ ନିର୍ମାଣ ହେଲା ବେଳେ କାହିଁକି ବିମାନବନ୍ଦର କର୍ତ୍ତୃପକ୍ଷ ଏ ଦିଗ ପ୍ରତି ଧ୍ୟାନ ଦେଇନଥିଲେ ବୋଲି ଅଭିଯୋଗ କରିଛନ୍ତି

## ମରଣଯନ୍ତା ପାଲଟିଛି କଟକ-ଭୁବନେଶ୍ୱର ନେତାଜୀ ସେତୁ



କଟକ,୧୪।୬(ପି.ଏନ) : ସେତୁ ଉପରେ ବିପଦ । ବାଲିର ଆସ୍ତରଣ ଭିତରେ ଲୁଚିଲାଣି ରାସ୍ତା । ସାମାନ୍ୟ ଅସାବଧାନ ହେଲେ ଚକା ଖସି ପଡ଼ିବା ନିଶ୍ଚିତ । ଇଏ ହେଉଛି କଟକ-ଭୁବନେଶ୍ୱରର ପ୍ରମୁଖ ନେତାଜୀ ସେତୁ । ପ୍ରତିଦିନ ଶହଶହ ସଂଖ୍ୟାରେ ବାଲି ଟ୍ରକ ଓ ଟ୍ରାକ୍ଟର ଏହା ଉପରେ ଯାତାୟାତ କରୁଛି । ବାଲି ଉଡ଼ି ରାସ୍ତା ଦୁଇ ପାର୍ଶ୍ୱରେ ଜମିଲାଣି ୩ଫୁଟ ଚଉଡ଼ା ଓ ଦୁଇଇଞ୍ଚ ଉଚ୍ଚତାର ବାଲି । ପ୍ରଶାସନ ଏହାକୁ ସଫା କରୁ ନଥିବାରୁ ଅନେକ ସମୟରେ ବାଇକ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି । ବାଲି ଉଡ଼ି ଆଖିରେ ପଶିବା ସହ ଚକା ଖସି ପଡୁଛନ୍ତି ବାଇକ ଓ ସାଇକେଲ ଚାଳକ । ଯାହାକୁ ନେଇ ଦେଖାଦେଇଛି ଅସନ୍ତୋଷ । ଗତବର୍ଷ ସମାନ ସ୍ଥିତି ଉପୁଜିଥିଲା । ଫଳରେ ଲୋକଙ୍କ ଅଭିଯୋଗ ପାଇବା ପରେ ମେୟର ପହଞ୍ଚି ଟ୍ରାକ୍ଟର ଲଗାଇ ବାଲି ସଫେଇ କରିଥିଲେ । ଏବେ ମେୟର ଏହାକୁ ଚିନ୍ତାଜନକ ବିଷୟ ବୋଲି ମାନୁଥିଲେ ସୁଦ୍ଧା ସଫା କରିବା ପାଇଁ ଲୋକବଳ ଓ ଅର୍ଥର ଆବଶ୍ୟକତା ରହିଛି ବୋଲି କହିଛନ୍ତି । ପ୍ରଶାସନ ବାଲି ଘାଟରୁ ଓ ଅନ୍ୟ ବାବଦରେ ଟଙ୍କା ଆଦାୟ କରୁଥିବାରୁ ଏହାର ସଫେଇ ଦେଖିବା କଥା ବୋଲି ସେ କହିଛନ୍ତି । କାଠଯୋଡ଼ି ନଦୀ ଉପରେ ସେତୁ ନିର୍ମାଣ ହେବା ପରଠାରୁ ଏହା କଟକ ଭୁବନେଶ୍ୱରବାସୀଙ୍କ ପ୍ରମୁଖ ରାସ୍ତା ପାଲଟିଛି । ତେଣୁ ଏହାର ସୁରକ୍ଷାକୁ ପ୍ରାଥମିକତା ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

## ମଜାକ ପାଲଟିଲାଣି ପାରଦର୍ଶୀ ପୋର୍ଟାଲ, ଗରିବ ପିଲାଙ୍କୁ ଆଡମିଶନ ବେଳେ ଠକିଥିଲେ ଏବେ ବଦଳି ବେଳେ ବି ଠକୁଛନ୍ତି



ଭୁବନେଶ୍ୱର,୧୪।୬(ପି.ଏନ) ହାତରେ ନହେଲେ ଭାତରେ ମାରୁଛନ୍ତି । ପାରଦର୍ଶୀ ପୋର୍ଟାଲରେ ଆଡମିଶନ ବେଳେ ଠକିଥିଲେ ଏବେ ସ୍କୁଲ ବଦଳି ବେଳେ ବି ଠକୁଛନ୍ତି । ପୂର୍ବରୁ ନିୟମ ଥିଲେ ମଧ ରାଜ୍ୟର ବହୁ ଘରୋଇ ସ୍କୁଲ ଗରିବ ପିଲାଙ୍କୁ ମାଗଣା ଶିକ୍ଷା ଦେବାରୁ ବଂଚିତ କରିଛନ୍ତି । ବହୁ ସ୍କୁଲ ନିଜକୁ ପାରଦର୍ଶୀ ପୋର୍ଟାଲରେ ପଞ୍ଜିକୃତ କଲେ ନାହିଁ । ଏବେ ଆଉ ଏକ ଉପାୟରେ ଗରିବ ପିଲାଙ୍କୁ ଠକା ଯାଉଥିବା ଅଭିଯୋଗ ହୋଇଛି । ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଗରିବ ପିଲା ବିଭିନ୍ନ ଘରୋଇ ସ୍କୁଲରେ ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ ମାଗଣାରେ ପଢିବାକୁ ବ୍ୟବସ୍ଥା କରାଯାଇଥିଲା । ଏହି ବ୍ୟବସ୍ଥାକୁ ବିଜେଡି ସରକାର କାର୍ଯ୍ୟକାରୀ କରିଥିଲେ । କିଛି କ୍ଷେତ୍ରରେ କୌଣସି ଅଭିଭାବକ ଯଦି କୌଣସି କାରଣରୁ ସ୍ଥାନ ପରିବର୍ତ୍ତନ କରେ ତାଙ୍କ ପିଲାଙ୍କୁ ଅନ୍ୟତ୍ର ଅନ୍ୟ ଘରୋଇ ସ୍କୁଲରେ ପଢିବାର ବ୍ୟବସ୍ଥା ରହିଛି । କିନ୍ତୁ ସେଠାରେ ପିଲାଙ୍କୁ କିଭଳି ଆଡମିଶନ ନ ମିଳିବ ସେଥିପାଇଁ ଷଡ଼ଯନ୍ତ୍ର ମଧ କରୁଥିବା ଅଭିଯୋଗ ହୋଇଛି । ସରକାରଙ୍କ ପାଖରେ ବିଭିନ୍ନ ସ୍କୁଲର ଆରଟିଇ ସିଟ ନେଇ ତଥ୍ୟ ରହିଥିଲେ ମଧ ସେହି ସ୍କୁଲର ଇଚ୍ଛା ଅନୁଯାୟୀ ଆଡମିଶନ ମିଳୁଛି । ଫଳରେ ଅନେକ ଗରିବ ପିଲା ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ଅଭିଭାବକ ସଂଘ ସମେତ ଜନସଂଗଠନ ଗୁଡ଼ିକ ସରକାର ଉପରେ ବର୍ଷିଛନ୍ତି। ଶିକ୍ଷା କ୍ଷେତ୍ରରେ ଏଭଳି ଠକାମି ବିରୋଧରେ ଆନ୍ଦୋଳନ ବ୍ୟାପକ ହେବ ବୋଲି କୁହାଯାଇଛି । ଅନ୍ୟାନ୍ୟ ଦଳ ବିରୋଧ କରୁଥିବା ବେଳେ ଏବେ ସାଧାରଣ ଲୋକେ ବିରୋଧ କରିବେ । ବିଜେପି ସରକାରକୁ ଟେକ୍ନିକାଲି ମିଛୁଆ ସରକାରର ଆଖ୍ୟା ଦେଇଛି ଓଡିଶା ସିଟିଜେନସ ଫୋରମ । ସେପଟେ ଶିକ୍ଷା ଅଧିକାର ଫୋରମର କହିବା କଥା ସରକାରଙ୍କ ଏଭଳି ମନୋଭାବ ଯୋଗୁଁ ପ୍ରତିଭାବାନ ଗରିବ ପିଲାମାନେ ଗୁଣାତ୍ମକ ପାଠପଢ଼ାରୁ ବଂଚିତ ହେଉଛନ୍ତି । ତେଣୁ ସରକାର ଯେଉଁ ନିୟମ ନିଜେ କରିଛନ୍ତି ତାକୁ ପାଳନ କରନ୍ତୁ ବୋଲି କୁହାଯାଇଛି । ବିନା ବିଚାରବିମର୍ଶରେ ଜାତୀୟ ଶିକ୍ଷା ନୀତି ଲାଗୁ କରି ଶିକ୍ଷକ, ଶିକ୍ଷାବିତ ଓ ଲୋକଙ୍କ ରୋଷର ଶିକାର ହୋଇଥିବା ସରକାର ଏବେ ଶିକ୍ଷା ଅଧିକାର ଆଇନକୁ ସଠିକ ଭାବେ କାର୍ଯ୍ୟକାରୀ ନ କରିବାକୁ ନେଇ ଅସନ୍ତୋଷ ବ୍ୟାପକ ହୋଇଛି।

## ପ୍ରକାଶ ପାଇଲା ଏନଇଇଟି-ୟୁଜି-୨୦୨୫ ଫଳ

ଭୁବନେଶ୍ୱର : ପ୍ରକାଶ ପାଇଲା ଏନଇଇଟି-ୟୁଜି-୨୦୨୫ ଫଳ। ପ୍ରାୟ ୨୨ ଲକ୍ଷ ୭୦ ହଜାର ପିଲା ଡାକ୍ତରୀ ପଢ଼ିବା ପାଇଁ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରେ ୧୨ ଲକ୍ଷ ୩୬ ହଜାର ପିଲା କ୍ୱାଲିଫାଏ କରିଛନ୍ତି । ଦେଶର ୫୦୦ ସହରରେ ପରୀକ୍ଷା ହୋଇଥିଲା। WWW.NEET.NTA.NIC.IN ରେ ଛାତ୍ରଛାତ୍ରୀମାନେ ରେଜଲ୍ଟ ଦେଖିପାରିବେ। ଏଥର ବି ବାଜି ମାରିଛନ୍ତି ଝିଅମାନେ। ୭ ଲକ୍ଷ ୨୨ ହଜାର ଝିଅ ରାଙ୍କ୍ ପାଇଥିବା ବେଳେ ୫ ଲକ୍ଷ ୧୪ ହଜାର ପୁଅଙ୍କୁ ରାଙ୍କ୍ ମିଳିଛି। ରାଜସ୍ଥାନର ମହେଶ କୁମାର ୯୯.୯୯ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଛନ୍ତି। ଓଡ଼ିଶାର ଟପ୍ପର ହୋଇଛନ୍ତି ସ୍ନେହାଶିଷ ଦାଶ । ତାଙ୍କର ଅଲ୍ ଇଣ୍ଡିଆ ରାଙ୍କ୍ ହେଉଛି ୬୦ ।

## ୫ ବାଇକ ଚୋରଙ୍କୁ ଗିରଫ କଲା ପୋଲିସ



ଭୁବନେଶ୍ୱର,୧୪।୬(ପି.ଏନ): ବୁଲେଟ ଚୋରି କରି ବନୁଥିଲେ ବୁଲେଟ ରାଜା । ଚୋରି ଟଙ୍କାରେ ଅୟସ ଆରାମରେ ବଞ୍ଚୁଥିଲେ । କଳିଙ୍ଗ ବିହାରରୁ ୫ ଜଣଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୋଲିସ । ମୁଖ୍ୟ ଅଭିଯୁକ୍ତ ମନୀଷ ପଟ୍ଟନାୟକ ଓ ବାବୁରାଓ ଆଚାର୍ଯ୍ୟଙ୍କୁ ଗିରଫ କରାଯାଇଥିଲା । ତଦନ୍ତ ବେଳେ ଅଭିଯୁକ୍ତ ମାନେ ୧୧ ଟି ବାଇକ୍ ଚୋରି କରିନେଇଥିବା ଜଣାପଡିଥିଲା । ଚୋରି ବାଇକ ମଧ୍ୟରେ ୬ ଟି ବୁଲେଟ ମଧ ରହିଛି । ଗାଡି ଚୋରି କରିବା ପରେ ସନ୍ତୋଷ ବେହେରା, ସଚ୍ଚିନ ଗୌଡ଼ ଓ ବିଜନ ସ୍ୱାଇଁଙ୍କୁ ବିକ୍ରି କରିଥିଲେ । ପୁରା ଘଟଣାର ତଦନ୍ତ କରିବା ପରେ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ରାଜଧାନୀରେ ଏମାନେ ଗାଡି ଚୋରି ଗ୍ୟାଙ୍ଗ ଚଳାଇଥିଲେ । ଡବଲ ଲକ ହୋଇନଥିବା ଗାଡି ଗୁଡିକୁ ଟାର୍ଗେଟ କରୁଥିଲେ । ସେମାନଙ୍କ ନିକଟରୁ ମୋଟ ୧୧ ଟି ମଟର ସାଇକେଲ ଜବତ କରାଯାଇଛି । ଅଭିଯୁକ୍ତ ମନୀଷ ଓ ବାବୁରାଓ ନାଁରେ ଲିଙ୍ଗରାଜ ଥାନା , ମୈତ୍ରୀ ବିହାର ଥାନା , ପିପିଲି ଥାନା ଅଞ୍ଚଳରେ ୩ ଟି ଚୋରି କେସ ରହିଛି । ସେହିପରି ରିସିଭର ବିଜନ ସ୍ୱାଇଁ ନାଁରେ ତମାଣ୍ଡୋ ଥାନାରେ ୫ ଟି କେସ ରହିଛି । ସେପଟେ ଚୋରି ଗାଡି ଫେରିପାଇବା ପରେ ପୋଲିସକୁ ଧନ୍ୟବାଦ ଜଣାଇଛନ୍ତି ଲୋକେ । କେହି କେହି ଠାକୁରଙ୍କ ପାଖରେ ମାନସିକ କରିଥିବା ବେଳେ, ଗାଡି ମିଳିବା ପରେ ଦାଢ଼ି ନିଶ କାଟିବେ ବୋଲି ପ୍ରତିକ୍ରିୟା ରଖିଛନ୍ତି ।

## ବୋଲ ମାନୁନି ଝାଡାବାନ୍ତି, ଯାଜପୁର ପରେ କେନ୍ଦୁଝର, ଭଦ୍ରକ ଓ କଟକରେ ଏଣ୍ଟ୍ରି



ଭୁବନେଶ୍ୱର,୧୪।୬(ପି.ଏନ) ବୋଲ ମାନୁନି ଝାଡାବାନ୍ତି । ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ମାଡି ଚାଲିଛି । ଯାଜପୁରରେ ହଇଜା ଭୂତାଣୁ ଚିହ୍ନଟ ହେବା ପରେ ଆଉ ତିନି ଜିଲ୍ଲାରେ ଝାଡାବାନ୍ତି ଆତଙ୍କ । ସ୍ଥିତି ସଙ୍ଗୀନ ହେଉଥିବାରୁ ରଜରେ ଭୋଜିଭାତରୁ ଦୂରେଇ ରହିବାକୁ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ । ଯାଜପୁରରେ ନିୟନ୍ତ୍ରଣକୁ ଆସୁନି ହଇଜା । ଦିନକୁ ଦିନ ସଙ୍ଗୀନ ହେବାରେ ଲାଗିଛି ସ୍ଥିତି । ଯାଞ୍ଚ ହୋଇଥିବା ୨୧ଟି ନମୁନାରୁ ୧୧ଜଣଙ୍କ ଠାରେ ହଇଜା ଭୂତାଣୁ ଚିହ୍ନଟ ହୋଇଛି । ଜିଲ୍ଲାରେ ହଇଜା ମାଡିବା ପରେ ସ୍ୱାସ୍ଥ୍ୟ ବିଭାଗର ନିଦ ହଜିଯାଇଛି । ଏବେ ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲାରେ ୧୦ଜଣଙ୍କ ମୃତ୍ୟୁ ହୋଇଛି । ୬ବ୍ଲକର ୬୦୦ରୁ ଅଧିକ ଲୋକ ଆକ୍ରାନ୍ତ ହୋଇଥିଲେ । ଏବେ ବି ବିଭିନ୍ନ ଡାକ୍ତରଖାନାରେ ୨୦୦ରୁ ଅଧିକ ଲୋକ ଚିକିତ୍ସାଧୀନ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗର ନିଷ୍କ୍ରିୟତା ଯୋଗୁ ସୀମାବର୍ତ୍ତୀ କେନ୍ଦୁଝର ଓ ଭଦ୍ରକ ସହ କଟକ ଜିଲ୍ଲାକୁ ମଧ ବ୍ୟାପିଲାଣି ଝାଡାବାନ୍ତି । ସେପଟେ କେନ୍ଦୁଝରରେ ୩ଜଣ, ଭଦ୍ରକ ଓ କଟକରୁ ମଧ ଜଣେ ଲେଖାଏଁ ଝାଡାବାନ୍ତିରେ ମୃତ୍ୟୁବରଣ କରିଛନ୍ତି । କେନ୍ଦୁଝରର ଆନନ୍ଦପୁର ଓ ଘସିପୁରା ବ୍ଲକ ସହ ଭଦ୍ରକର ଭଣ୍ଡାରିପୋଖରୀ ଏବଂ କଟକ ସଦର ବ୍ଲକର ଝିଙ୍କିରିଆ ଗାଁରେ ବି ବ୍ୟାପିଛି ଝାଡାବାନ୍ତି । ଯାଜପୁରରେ ସ୍ଥିତି ଅଣାୟତ୍ତ ହୋଇଥିବାରୁ ଜିଲ୍ଲାକୁ ଘନଘନ ସ୍ୱାସ୍ଥ୍ୟ ବିଭାଗର ଟିମ ଗସ୍ତ କରି ସ୍ଥିତି ଯାଞ୍ଚ କରୁଛନ୍ତି । ଆଜି ରାଜ୍ୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ସହ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଓ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଟିମ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସମୀକ୍ଷା କରିଛନ୍ତି । ହଇଜା ବ୍ୟାପିଥିବା ଅଞ୍ଚଳରେ ପାନୀୟ ଜଳ ବିଶୋଧନ କରାଯାଉଥିବା ବେଳେ ପ୍ରତ୍ୟେକ ଗାଁରେ ଆଶା ଓ ଅଙ୍ଗନାୱାଡି କର୍ମୀ ଲୋକଙ୍କୁ ସଚେତନ କରୁଛନ୍ତି । ଏଭଳି ସ୍ଥିତିରେ ରଜରେ ଭୋଜିଭାତ ନକରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଜିଲ୍ଲାର ସବୁ ସରକାରୀ କର୍ମଚାରୀଙ୍କ ରଜ ଛୁଟି ମଧ ବାତିଲ କରାଯାଇଛି । ଅନ୍ୟପଟେ ଏବେ ଆକ୍ସନ ମୋଡକୁ ଆସିଛି ଖାଦ୍ୟ ସୁରକ୍ଷା ବିଭାଗ । ଜିଲ୍ଲାର ବିଭିନ୍ନ ସ୍ଥାନରେ ଖାଦ୍ୟ ସୁରକ୍ଷା ଅଧିକାରୀମାନେ ହୋଟେଲ ଓ ରେଷ୍ଟୋରାଁ ଉପରେ ଚଢ଼ାଉ କରି ଖାଦ୍ୟର ମାନ ଯାଞ୍ଚ କରୁଛନ୍ତି । ଅନେକ ହୋଟେଲ ଓ ରେଷ୍ଟୋରାଁରେ ଅପମିଶ୍ରିତ ଖାଦ୍ୟ ବି ଜବତ କରାଯାଇଛି । ଯାଜପୁରରେ ସରକାରୀ ଭାବେ ଯେଉଁ ୫ଜଣଙ୍କ ମୃତ୍ୟୁ ଖବର ଆସିଛି ସେମାନଙ୍କ ଅଟୋପ୍ସି ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି । ଏଥିସହିତ ଆଜି କେନ୍ଦ୍ରରୁ ୧୪ ଜଣିଆ ଟିମ ଆସିବାର କାର୍ଯ୍ୟକ୍ରମ ରହିଛି । ଏହି ଟିମ ଆସନ୍ତାକାଲି ଘଟଣାସ୍ଥଳ ପରିଦର୍ଶନ କରିବେ । ଟିମରେ ଆଇସିଏମଆର, ନ୍ୟାସନାଲ ସେଣ୍ଟର ଫର ଡିଜିଜ୍ କଣ୍ଟ୍ରୋଲ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଖାଦ୍ୟ ନିରାପତ୍ତାର ଅଧିକାରୀମାନେ ସାମିଲ ଅଛନ୍ତି ।

## ଆୟୁଷ୍ମାନ ଭାରତର ହିତାଧିକାରୀ ସଂଖ୍ୟା ବଢୁଛି, ହେଲେ ମିଳୁନି ସ୍ୱାସ୍ଥ୍ୟସେବା

ଭୁବନେଶ୍ୱର,୧୪।୬(ପି.ଏନ) ଏପ୍ରିଲ ୧୧ ତାରିଖରେ ଓଡ଼ିଶାରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ହିତାଧିକାରୀ ସଂଖ୍ୟା ୧ କୋଟି ଟପିଛି । ଏହି ଯୋଜନାକୁ ଆୟୁଷ୍ମାନ ଭାରତ ସହିତ ମିଶ୍ରଣ କରି ଦେଇଛି ରାଜ୍ୟର ବିଜେପି ସରକାର। କିନ୍ତୁ ଆୟୁଷ୍ମାନ ଭାରତ ଲାଗୁ ହେବା ଦିନରୁ ଓଡ଼ିଶାବାସୀ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇବାରୁ ବଂଚିତ। ଗରିବ ଲୋକଙ୍କୁ ଭଲ ହସ୍ପିଟାଲରେ ମାଗଣା ଚିକିତ୍ସା ମିଳୁନି। ପଂଜୀକରଣ ହିତାଧିକାରୀ ସଂଖ୍ୟା ସଂଖ୍ୟା ବଢୁଥିଲେ ମଧ ଓଡ଼ିଶାବାସୀ ଠିକ୍ ରେ ଚିକିତ୍ସା ପାଉ ନାହାନ୍ତି। ଆୟୁଷ୍ମାନ ଯୋଜନାର ବିଫଳତାକୁ ନେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ । ସେ ଅଭିଯୋଗ କରିଛନ୍ତି, ଆୟୁଷ୍ମାନ ଭାରତ ଯୋଜନାରେ ବହୁ ସମସ୍ୟା ଥିବାରୁ ଲୋକେ ଚିକିତ୍ସା ପାଇପାରୁନାହାନ୍ତି । ରୋଗୀ ଆଡ଼ମିଶନ ନେଲେ ଆପ୍ରୁଭାଲ ନେବାରେ ବିଳମ୍ବ ହେଉଛି । ଆୟୁଷ୍ମାନ କାର୍ଡରେ ବହୁ ନିୟମ ଥିବାରୁ ଲୋକେ ହଇରାଣ ହେଉଛନ୍ତି । ଚିକିତ୍ସା ପାଇବାରୁ ବଂଚିତ ହେଉଛନ୍ତି। କିନ୍ତୁ ନବୀନ ସରକାର ବେଳେ ଈଝକଣ ରେ ଲୋକେ ଭଲରେ ମାଗଣାରେ ଚିକିତ୍ସା ପାଉଥିଲେ। ପଂଜୀକୃତ ହିତାଧିକାରୀଙ୍କ ସଂଖ୍ୟା ନୁହେଁ ସମସ୍ତଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉପରେ ସରକାର ଗୁରୁତ୍ୱ ଦିଅନ୍ତୁ ବୋଲି ଦାବି କରିଛି ବିଜେଡି। ଆୟୁଷ୍ମାନ ଯୋଜନାର ବିଫଳତାକୁ ନେଇ କଂଗ୍ରେସ ମଧ ଡବଲ ଇଞ୍ଜିନ ସରକାର ଉପରେ ବର୍ଷିଛି । ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଅଭିଯୋଗ କରିଛନ୍ତି ବିଜେପି ସରକାର ଆସିବା ଦିନଠୁ ରାଜ୍ୟରେ ବିଗିଡି ଯାଇଛି ସ୍ୱାସ୍ଥ୍ୟସେବା । ବିଜେଡି ସରକାର ସମୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡରେ ଗରିବ ଲୋକ ମାଗଣାରେ ଚିକିତ୍ସା ହୋଇ ଉପକୃତ ହେଉଥିବା ବେଳେ ଆୟୁଷ୍ମାନ ଯୋଜନା ରେ ଠିକରେ ସ୍ୱାସ୍ଥ୍ୟ ସେବା ପାଉ ନାହାନ୍ତି, ହଇରାଣ ହେଉଛନ୍ତି । ଏପରିକି ଚିକିତ୍ସା ନ ପାଇ ଲୋକେ ମରିଯାଉଥିବା କଂଗ୍ରେସ ଅଭିଯୋଗ କରିଛି । ସେପଟେ ବିଜେପି ବିଧାୟକ ସରୋଜ ପାଢ଼ୀ କହିଛନ୍ତି ଆୟୁଷ୍ମାନ ଭାରତ ଯୋଜନା ଠିକ୍ ଭାବେ କାମ କରୁଛି ଓ ଲୋକେ ଉପକୃତ ହେଉଛନ୍ତି । ଉପକୂଳରୁ ଉପାନ୍ତ ଯାଏ ବିଗିଡି ଯାଇଛି ସ୍ୱାସ୍ଥ୍ୟ ସେବା । ଆୟୁଷ୍ମାନ ଭାରତ ଯୋଜନାରେ ନାନା ସମସ୍ୟା ଥିବାରୁ ଲୋକେ ହନ୍ତସନ୍ତ।







## ରାଶିଫଳ

ମେଷ: [illegible]

ବୃଷ: [illegible]

ମିଥୁନ: [illegible]

କର୍କଟ: [illegible]

ସିଂହ: [illegible]

କନ୍ୟା: [illegible]

ତୁଳା: [illegible]

ବିଛା: [illegible]

ଧନୁ: [illegible]

ମକର: [illegible]

କୁମ୍ଭ: [illegible]

ମୀନ: [illegible]

## ଆଜିର ଦିନରେ

- ୧୭୫୩- [illegible]
- ୧୮୧୬- [illegible]
- ୧୯୫୬- [illegible]
- ୧୯୯୩- [illegible]
- ୧୯୯୬- [illegible]
- ୨୦୦୭- [illegible]



## ତ୍ୱଚାର ରଙ୍ଗ ସହ ଅଛି କି କର୍କଟର ସମ୍ପର୍କ

ମ[illegible]



## ଓଟିଟିରେ 'ଡିଟେକ୍ଟିଭ୍ ଶେରଦିଲ୍'

ପ[illegible]

## ତୋଟିଏ ଛାତ ତଳେ ପାଞ୍ଚ ପିଢ଼ି



ସ[illegible]






## କରୋନାର ନୂତନ ପ୍ରଜାତି ଏକ୍ସଏଫ୍‌ଜି

**କରୋନା ଏକ ବିଶେଷ ପ୍ରକାରର ଜୀବାଣୁ । ଏହା ରୋଗାକ୍ରାନ୍ତ ତଥା ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ଥିବା ବ୍ୟକ୍ତିଙ୍କୁ ଶୀଘ୍ର ସଂକ୍ରମିତ କରିଥାଏ । ତେବେ ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଏବେ ଦ୍ରୁତ ଭାବେ ବୃଦ୍ଧି ପାଉଥିବାବେଳେ ଦିନକୁ ଦିନ କରୋନାର ନୂତନ ପ୍ରଜାତି ମଧ୍ୟ ସାମ୍ନାକୁ ଆସୁଥିବାବେଳେ ଏବେ କରୋନାର ନୂଆ ପ୍ରଜାତି ଏକ୍ସଏଫ୍‌ଜି ଚିହ୍ନଟ ହୋଇଛି ।**

ଏ[illegible]

## ଫ୍ୟାଟି ଲିଭର ଗ୍ରେଡ୍ ୩

ପ୍ରାକୃତିକ ଚିକିତ୍ସା

**ଅତ୍ୟଧିକ ତେଲ ମସଲାଯୁକ୍ତ ଖାଦ୍ୟ, କର୍ମାଭାବ, ମଦ୍ୟପାନ, ଓଜନବୃଦ୍ଧି ଆଦି ଯୋଗୁଁ ଯକୃତରେ ଚର୍ବି ଜମା ହୋଇଥାଏ । ଏହା ଏକ ଗମ୍ଭୀର ସମସ୍ୟା । ସେହିପରି ମଧୁମେହ, ଉଚ୍ଚ ରକ୍ତଚାପ, କୋଲେଷ୍ଟ୍ରଲ ଆଦି ଏହି ରୋଗ ହେବାର ପ୍ରମୁଖ କାରଣ । ରୋଗର ଲକ୍ଷଣକୁ ଅଣଦେଖା କଲେ ଏହା ଫ୍ୟାଟି ଲିଭର ଗ୍ରେଡ୍ ୩ରେ ପହଞ୍ଚିଯାଏ । ତେଣୁ ରୋଗର ଲକ୍ଷଣ ଅନୁସାରେ ଚିକିତ୍ସା କରିବା ଜରୁରୀ ।**



ଫ୍ୟା[illegible]

## ଲୁହା ବାସନରେ ବିଷାକ୍ତ ହୁଏ ଏହି ଖାଦ୍ୟ

[illegible]





## ପ୍ରାକୃତିକ ଉପାୟରେ ବଢ଼ାନ୍ତୁ ରୋଗ ପ୍ରତିରୋଧକ ଶକ୍ତି

**ଋତୁ ଅନୁଯାୟୀ ସୁସ୍ଥ ରହିବା ପାଇଁ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିବା ଆବଶ୍ୟକ । ତେଣୁ କୋଭିଡ ତଥା ଫ୍ଲୁ ମାମଲାରୁ ସୁରକ୍ଷିତ ରହିବାକୁ ପ୍ରାକୃତିକ ଉପାୟରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରାଯାଇପାରିବ ।**

ଆ[illegible]

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନଂ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋକ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଜୁନ ୧୫

# ରଜ ପର୍ବ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ପର୍ବର ନାମ ରାଜ । ମୃର୍ତ୍ତିକ ବସୁମତୀ ଦେବୀଙ୍କର ରୋଜ ଦର୍ଶନ ଯାହା ଆସାମ ପ୍ରଦେଶ ମାଆ କାମାକ୍ଷାଙ୍କର ଅମ୍ବୁବଚୀ ସମୟ ମାଟି ବହୁ ଆଗରତୁ ଶୀତ ବସନ୍ତ ଗ୍ରୀଷ୍ମ ପରି ଛଆ ମାସ ମଧ୍ୟରେ ଯେତେବେଳେ ଏଇ ମାଟିର କଠୋରତା ନିବାରଣ ସମୟ ଆସୁଛି ସେହି ସମୟର ଏହି ପର୍ବର ପାଳନ ସମୟ । ରାଶି ଚକ୍ରରେ ୨୭ଟି ନକ୍ଷତ୍ର ଅଛି ଏ ମଧ୍ୟରେ ପଣା ସଂକ୍ରାନ୍ତି (ମହାବିଷୁବ ସଂକ୍ରାନ୍ତି) ଠାରୁ ରବିଙ୍କର ଅଶ୍ୱିନୀ ନକ୍ଷତ୍ର ପ୍ରବେଶ କାଳ ଏହିଠାରୁ ଆଗକୁ ଆଗକୁ ସୂର୍ଯ୍ୟ ୧୩/୧୪ ଦିନ ବ୍ୟବଧାନରେ ୧/୧ ନକ୍ଷତ୍ର ଭୋଗ କରି ଚାଲିଥାନ୍ତି । ବୈଶାଖ-ଜ୍ୟେଷ୍ଠ ଗ୍ରୀଷ୍ମ ଋତୁ ଅଶ୍ୱିନୀ + ଦ୍ୱିଜା + କୃର୍ତିକା ଏମିତି ୩ ନକ୍ଷତ୍ର ହୁଏ ୪୦ ଅଂଶ ଏହି ୪୦ ଅଂଶ ରବିଙ୍କର ଭୋଗକୁ ପ୍ରାୟ ୪୦ ଦିନ ଭୋଗ ହୁଏ । ଏହାପରେ ଭୋଗ ରୋହିଣୀର ୧୩ ଅଂଶ ୨୦ କଳା, ଏହି ସମୟ ସୂର୍ଯ୍ୟଙ୍କ ପ୍ରଖର ତୀକ୍ଷ୍ଣ କିରଣ ପୃଥିବୀ ଉପରେ ପଡ଼େ । ମାଟିରେ ଅତ୍ୟଧିକ ଗରମ ବୋଧ ହୋଇ ଗୁରୁଚାପ ଯୋଗୁଁ ବାୟୁମଣ୍ଡଳ ଗରମ ହୋଇ ମାଟିରୁ ଉପରକୁ ବାୟୁ ଉର୍ଦ୍ଧଗାମୀ ହୁଏ । ଏହି ବାୟୁର ଶୂନ୍ୟ ସ୍ଥାନ ପୂରଣ ପାଇଁ ଓଡ଼ିଶା ବଙ୍ଗ ଆସାମ ମେଘାଳୟ ଦିଗକୁ ବଙ୍ଗୋପ ସାଗରରୁ ପବନ ବହିବା ଆରମ୍ଭ କରେ । ସାଧାରଣତଃ ବସନ୍ତ ଋତୁରେ ଫାଲଗୁନ ଚୈତ୍ରରେ ଦକ୍ଷିଣା ପବନ ବହୁଥାଏ । ଏହି ବୈଶାଖ ଜ୍ୟେଷ୍ଠରେ ଉତରାପବନ ସହିତ ପଶ୍ଚିମା ପବନ ମିଶି ମାଟିର ଗରମ ପବନର ସହିତ ଢ଼ାଇ ହୁଏ । ଯଦି ଜୋରରେ ଦୁଇ ଦିଗ ପବନ ଢ଼ାଇ ହୁଏ ସେ ସମୟରେ ନିର୍ଘାତ ହୁଏ । ଘୂର୍ଣ୍ଣିବାତ୍ୟା ଦେଖାଯାଏ ଯାହା ଚକ୍ରବାତ୍ୟା । ଏହାର ଫଳ ସ୍ୱରୂପ କାଳ ବୈଶାଖି ତତସହିତ କାଁ ଭାଁ ବର୍ଷା, ମାଟି ଭିଜା ବର୍ଷା, ମାଟି ଆର୍ଦ୍ର ହୋଇଯାଏ । ନକ୍ଷତ୍ରରେ ଅଛି ଆର୍ଦ୍ର । ୬ ନମ୍ବର ନକ୍ଷତ୍ର ଏହାର ପୂର୍ବ ନକ୍ଷତ୍ର ମୃଗଶିରା ୫ ନକ୍ଷତ୍ର ଏହା ଅଧା ଅଛି ବୃଷରେ ଅଧା ଅଛି । ମିଥୁନରେ ଏକ ନକ୍ଷତ୍ର ୧୪ ଦିନ ସର୍ବୋଚ୍ଚ ହେତୁ ୭ ଦିନ ବୃଷରେ ୭ ଦିନ ମିଥୁନରେ । ମିଥୁନରେ ରବି ପ୍ରବେଶକୁ ରଜ ସଂକ୍ରାନ୍ତି କୁହାଯାଏ । ଏହା ପ୍ରାକ୍ ମୌସୁମୀର ପ୍ରବେଶ କାଳ, ରଜ ସଂକ୍ରାନ୍ତିର ପୂର୍ବର ଦୁଇ ଦିନ ଓ ପରପର ଦୁଇଦିନ ସଜବାଜ ପହଲିରଜ ଓ ରଜସଂକ୍ରାନ୍ତି ଓ ତାର ପର ଭୂମି ନହଣକୁ ନେଇ ରଜପର୍ବ । ଏହାପରେ ଆଉ ୩/୪ ଦିନ ପରେ ଆସେ ଆର୍ଦ୍ର ପ୍ରବେଶ ଯାହା ୨୧/୨୨ ତାରିଖ ଦିନ ମୌସୁମୀ ବର୍ଷର ରୁଟିନ ଆରମ୍ଭ ।

ମୌସୁମୀ ବର୍ଷା ଆରମ୍ଭ ହେଲେ ଖାରିଫ ଋତୁର ଚାଷକାର୍ଯ୍ୟ ଶାରଦ ଧାନର ଅଖିମୁଠି ଅନୁକୂଳ ଅକ୍ଷୟ ତୃତୀୟାରୁ ବୁଣା ବୁଣି ଆରମ୍ଭ ଓ ବର୍ଷଣ ମୁଖର କାଳ ଆରମ୍ଭ ପରେ ତଳିପକା ଯାଏ ତାପରେ ରୁଆ ରୁଇ ଚାଷର ଜୋରସୋର କାର୍ଯ୍ୟ । ରଜ ପର୍ବ ମୃର୍ତିକାର ହେଲେ ବି ଏହାକୁ ପ୍ରତିଗୃହର କୁମାରୀ କନ୍ୟାମାନେ ବିଧିରେ ପାଳନ କରନ୍ତି । ମାଟିରେ ଖାଲି ପାଦରେ ଝିଅମାନେ ଚାଲନ୍ତି ନାହିଁ । ଚପଲ ଯୋତାର ବହୁଳ ପ୍ରସାର ନଥିବାବେଳେ ଗୁଆ ଗଛ ବାହୁଙ୍ଗାର ଖୋଳପାରେ ଜୋତାପତି ପାଦ ଆଭରଣ କରି କନ୍ୟାମାନେ ଚାଲୁଥିଲେ । ଦୋଳି ଲଗାଇ ଝୁଲଣ ଖେଳ ଆଦି ବିଶେଷ ଆନନ୍ଦ ପର୍ବ ସହିତ ଉତ୍ତମ ଖାଦ୍ୟ ଭୋଜନ ଏ ମଧ୍ୟରେ ବିଶେଷ ପୋଡ଼ପିଠା ବ[ନ ଖିଆ ଚାଲେ । ରଜପାନ ବି ଏକ ବିଶେଷ ମାନ୍ୟତା ବ[ନ ଓ ଚର୍ବଣ ଦ୍ରବ୍ୟ । ଏଥିରେ ବହୁ ମସଲା ସଂଯୋଗ କରାଯାଇଥାଏ । ରଜୋବତୀ କନ୍ୟମାନେ ରୋଷେଇବାସ ରେ ଭାଗ ନିଅନ୍ତି ନାହିଁ । ମାଆ ଭାଉଜ ଏଇମାନେ ତାଙ୍କ କନ୍ୟା ନଣନ୍ଦ ବା ଭଉଣୀମାନେ ଭୋଜନ ବ୍ୟବସ୍ଥା କରିଥାନ୍ତି । ପୁରୁଷମାନେ ତାସ ଖେଳ ସହିତ ଗ୍ରାମର ଯୁବକମାନେ ବାଗୁଡ଼ି ଖେଳର ପ୍ରତିଯୋଗିତାରେ ଭାଗ ନିଅନ୍ତି । ଯାହା ଏକ ବିଶେଷ ଉପଭୋଗ୍ୟ ଖେଳ । ହୁଣ୍ଡା ବାଗୁଡ଼ି, ପାହି ବାଗୁଡ଼ି ଯେଉଁଥିରେ ଦୁଇ ଦଳ ଯୁବକଙ୍କ ମଧ୍ୟରେ ଏକ ମେଳା ପଡ଼ିଆରେ ଯାଗାରେ ବା ନଦୀ ବାଲିରେ ଖେଳଟି ଲୋକଙ୍କ ମନୋରଞ୍ଜନ ପାଇଁ ପ୍ରଦର୍ଶନ ହୁଏ । ଡେଙ୍ଗୁରା ବଜାଇ ଖାସି ବାଜି ରଖି ଏ ଖେଳ ଅନେକ ସ୍ଥାନରେ ହୁଏ । ବାଗୁଡ଼ି ଖେଳରେ ଶକ୍ତି ପ୍ରଦର୍ଶନ ଏକ ବିଶେଷ ଘଟଣା, ବାଗୁଡ଼ି ଖେଳରେ ଦମ ରଖି କାଳି ଦିଆଯାଏ ନାହିଁ । ନିଶ୍ୱାସ ରୋକି ବା ଦମ ରଖିବାରେ କାଳି ଦେବା ଖେଳ କିତିକିତି କବାଡ଼ି ଏହି ଖେଳ ବି ଅନେକ ସ୍ତରରେ ହୋଇଥାଏ ।

ଅନେକ ସ୍ଥାନ ସାହିତ୍ୟ ଚର୍ଚ୍ଚା ଓ ଧର୍ମୀୟ ଅନୁଷ୍ଠାନ ସମ୍ବନ୍ଧ ଠିଆପାଲା ଲଢ଼େଇ ପାଲା କରାଯାଏ । ପ୍ରାଚୀନ କବିଙ୍କ ଲେଖା ଶାସ୍ତ୍ର ପୁରାଣକୁ ବିଶେଷ ରଙ୍ଗ ଦେଇ ପାଲା ଗାୟକ ମାନେ ଲୋକ ଆଗରେ ପରିବେଷଣ କରି ମନୋରଞ୍ଜନ ଓ ଧର୍ମଜ୍ଞାନ ଶିକ୍ଷା ଦାନ କରାଉଥିଲେ । ରଜ ପର୍ବ ଏକ ଓଡ଼ିଆ ପର୍ବ । ଓଡ଼ିଶା ବାହାରେ ରହିବା ବୃତିଧନ୍ଦାରେ ନିୟୋଗ ବ୍ୟକ୍ତିମାନେ ଛୁଟି କଟାଇବାକୁ ଘରକୁ ଆସିଥାନ୍ତି । ଜ୍ଞାତିଜନ ମିଳନ ଧୁମଧାମରେ ଭୋଜନ ମନୋରଞ୍ଜନ ଏପରି ଚାରି ଦିନ କଟିଯାଏ । ତାପରେ ଆସେ ସବୁ ଦିନିଆଁ ରୁଟିନ କାର୍ଯ୍ୟ । ଚାଷ ଭିର୍ତିକ ଜୀବିକାଧାରୀଙ୍କର ଏ ପର୍ବ ବାର୍ଷିକ ଆନନ୍ଦର ପର୍ବ । ଜଣେ ଝିଅ ଜୀବନ କାଳରେ ପିତ୍ରାଳୟରେ ବିଶେଷ ଅୟସ କେଇଟି ରଜପର୍ବ ପାଳନ ପ୍ରକୃତ ଆନନ୍ଦମୟ ସ୍ୱାଧୀନ ଜୀବନର ସମୟ ଥାଏ । ମାଆ କାମାକ୍ଷାଙ୍କ ଅମ୍ବୁବାଚୀରେ ମନ୍ଦିରରଦ୍ଧରେ ରଜସ୍ରାବର ଗୁପ୍ତ ସେବା ହୁଏ । ଏଇ ସେହି ରଜପର୍ବ । ଯଦି ବର୍ଷା ଭାରତରେ ସବୁଠାରୁ ଅଧିକ ହୁଏ ଏହି ଅଖଣ୍ଡ ଆସାମ ଅ*ଳରେ ପୂର୍ବେ ଚେରାପୁଞ୍ଜି ଡାକ ଥିଲା ଏବେ ମେଘାଳୟ । ପୃଥିବୀ ରଜସ୍ୱଳା ପରେ ଫସଲ ସୃଷ୍ଟାରେ ମାନବକୁ ଅନ୍ନଯୋଗାଣ ପାଇଁ ଫସଲ ଅଜାଡ଼ି ଦିଅନ୍ତି ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩*

# ରଜ ପାନ

**ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ**

ପାନ ହେଉଛି ଓଡ଼ିଆର ପ୍ରାଣ । ପ୍ରାଚୀନ ଓଡ଼ିଶାରୁ ପାନର ସୃଷ୍ଟି ଆଉ ଏହା ଆମ ସଂସ୍କୃତି ସହ ନିବିଡ଼ ହୋଇ ରହିଛି – କାହିଁ କେଉଁ କାଳରୁ । ଏମିତିକି ଓଡ଼ିଶାର ଲୋକ ଦେବତା ଜଗନ୍ନାଥଙ୍କର ମଧ୍ୟ ବିଡ଼ିଆ ପାନ ଖଣ୍ଡେ ନହେଲେ ନଚଳେ । ପାନ କାହାର ପ୍ରିୟ ନୁହେଁ ଯେ । ନ ଖାଇଲା ଲୋକଙ୍କୁ ସାଧା ଖିଲିପାନ ଖଣ୍ଡେ ଦେଲେ ସେ ବି ଖୁସିରେ ଖାଇଦେବ । ଆଉ ରଜ କଥା ପୁରା ଅଲଗା । ପୁଣି ରଜପାନର ସ୍ୱାଦ ବି ଖୁବ୍ ରୁଚିକର । ପ୍ରେମ, ପ୍ରିତୀ ଓ ପ୍ରଣୟର ପ୍ରତୀକ ଏଇ ପାନ । କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚନାରେ ଏମିତି ବି ବର୍ଣ୍ଣନା ରହିଛି – 'ସେ ଯେବେ କରିବେ ମାନ, ଭାଙ୍ଗି ଭୁଞ୍ଜାଇବି ପାନ, ଗଣ୍ଡେ ଦେଇଣ ଚୁମ୍ବନ, ହରଷ ମୁଁ କରାଇବି, ମଲ୍ଲୀମାଳ ଶ୍ୟାମକୁ ଦେବି ମନ ତୋଷିବି ।'

ପାନ ଖାଉଥିବା ଝିଅଙ୍କ ଓଷ୍ଠାଧାରର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ । ପାନ ଦିଆ ନିଆରେ ସମ୍ପର୍କ ବଢ଼େ, ପ୍ରେମରେ ପୂର୍ଣ୍ଣତା ଆଣେ ପାନ । ନୂଆ ବୋହୂଟିଏ ଘରକୁ ଆସିଲେ ତା'ର ଶାଶୂ, ସାଇପଡ଼ିଶା ପ୍ରଥମେ ପାନ ଭଙ୍ଗାର ପରୀକ୍ଷା ନେଉଥିଲେ । ଗୁରୁଜନମାନଙ୍କୁ ନିଜ ହାତଭଙ୍ଗା ପାନ ପରଷିଦେଇ ବୋହୂଟି ମଥାନୁଆଁଇ ପ୍ରଣାମ କରୁଥିଲା । ତେଣୁ ପାନ ଓଡ଼ିଶା ସଂସ୍କୃତିର ଛତ୍ରେ ଛତ୍ରେ ରହିଛି । ରଜପର୍ବରେ ସହୀ ସଙ୍ଗାତ, ମକର, ବଉଳଙ୍କ ସହିତ ପାନଭଙ୍ଗା ଓ ପରସ୍ପର ଆଦାନପ୍ରଦାନ ଓଡ଼ିଆ ଘରର ଚଳଣିରେ ଗ୍ରାମୀଣ ଜୀବନର ଧାରାକୁ ଏବେ ବି ଉଜ୍ଜିବୀତ କରି ରଖିଛି । ପାନ ଖାଇ ରଜଦୋଳିରେ ବସି ଝିଅମାନେ ରଜପାନର ଗୀତ ବୋଲିବା ପରିବେଶକୁ ଖୁବ୍ ଆମୋଦିତ କରିଥାଏ ।

'ବାଉଁଶ ଅଗରେ ଧାନ
ମୁଁ ଦେବି ପଇସା ଖାଇବୁ ପାନ
ମୋ ବଉଳ ମିତଲୋ
ଏବେ ଚାଲିଯିବା ବୃନ୍ଦାବନ ।
ଉଇଁ ଆସେ ନୂଆ ଜହ୍ନ
ଚାଲ ଯିବା ମିଶି ଗୁଆଖାଦାନ
ମୋ କାଇଁଚମାଳାଲୋ
ଆମେ ସେଇଠି ଖାଇବା ପାନ ।'

ପାନ ଖଣ୍ଡକରେ କିଣି ହୋଇଯାଏ ମନ । ମୁଖର ସୌନ୍ଦର୍ଯ୍ୟ ଓ ବାସ ବୃଦ୍ଧି କରିଥାଏ ବୋଲି ପାନର ଅନ୍ୟ ନାମ ମୁଖବାସ । ପୁଣି ରଜ ଖେଳ ଭିତରକୁ ବି ପାନ ପଶି ଆସିଛି । ବୟସ୍କ ଓ ମହିଳାଙ୍କ ତାସ ଖେଳରେ କଳାପାନ ଓ ନାଲିପାନର ଆଡ୍ଡା ଖୁବ୍ ଜମେ । ଏବେ ଘରେ ଘରେ ରଜପାନ । ରଜ ସମୟରେ କେବଳ କଟକ ଭୁବନେଶ୍ୱର ନୁହେଁ ରାଜ୍ୟର ସବୁଠି ଏମିତିରେ ଆମ କନ୍ଧମାଳର ବାଲିଗୁଡ଼ାରେ ମଧ୍ୟ ପାନ ଦୋକାନୀ ଭଳିକି ଭଳି ରଜ ପାନର ପସରା ମେଲାଇ ବସିଛନ୍ତି । ସେମାନେ ଖାସ୍ ରଜପାନ ହିଁ ତିଆରି କରୁଛନ୍ତି । ପାନରେ ଗୁଆ, ଚୂନ, ଖଇର ସହ ଅନ୍ୟାନ୍ୟ ବ୍ୟବହୃତ ମସଲା ସବୁର ଖୁବ୍ ଔଷଧୀୟ ଗୁଣ ରହିଛି । ଚରକ ସଂହିତାରେ ପାନରେ ଗୁଆ, କର୍ପୂର, ଜାଇଫଳ, ଲବଙ୍ଗ, କଙ୍କୋଳ ଓ ଗୁଜୁରାତି ଦିଆଯାଇଥିବା ପାନ କଥା କୁହାଯାଇଛି । ଏ ସବୁ ମସଲା ପାନର ସ୍ୱାଦ, ସୁଗୁଣ ଓ ସୁବାସ ନେଇ ଆସିଥାଏ । ପାନର ମୁଖ୍ୟ ଉପାଦାନ ଗୁଡ଼ିକ ହେଲା – ପାନ, ଚୂନ, ଗୁଆ, ଖଇର, ଲବଙ୍ଗ, ଗୁଜୁରାତି, ଅଳେଇଚ, ଜାଇତ୍ରୀ, ଜାଇଫଳ, ଖୁରୁଡ଼ି ନଡ଼ିଆ, ବାଦାମ, କର୍ପୂର, କବାବ ଚିନି, କେଶର, ଡାଲଚିନି, କସ୍ତୁରୀ, ସୁନା ତବକ, ରୁପାତବକ, ଶୁଣ୍ଠି, ଅଦା, ଚନ୍ଦନ, ମାତୁଲୁଙ୍ଗ, ପିପରମେ[, ଲବଳୀ, ନଖି ଓ ମୁରାମାଂସ । ଏ ସବୁ ପାନ ମସଲାଦେଇ ଖୁବ୍ କୌଶଳରେ ମୋଡ଼ାଯାଏ ପାନ, ଆଉ ଏଥିରେ ଲବଙ୍ଗ ଗୁନ୍ଥି ବଢ଼େଇ ଦିଆଯାଏ । ଆତ୍ମୀୟ ସ୍ୱଜନଙ୍କୁ । ଏମିତି ଲୋକ ଅଛନ୍ତି, ଯେଉଁମାନେ ପାନଖଣ୍ଡେ ନ ହେଲେ କାମ କରି ପାରନ୍ତି ନି । ତେବେ କଡ଼ାପାନ ନିଶ୍ଚୟ ସ୍ୱାସ୍ଥ୍ୟପକ୍ଷେ ଖୁବ୍ କ୍ଷତିକାରକ । ପାନ ଖର୍ଚ୍ଚ ବି ଅନେକ ସମୟରେ ଅଂଟାରୁ ପଇସା ସାରିଦିଏ । ତଥାପି ପାନର ମହତ୍ୱ ଖୁବ୍ ବେଶୀ, ଯେତେବେଳେ ଏହା ମନରେ ସପ୍ରୀତି ଓ ପ୍ରେମଭାବ ଆଣି ଆବେଗକୁ ଉଦ୍‌ବେଳିତ କରେ । ପାନ ଏବେ ଦଶ ଟଙ୍କାରୁ ଆରମ୍ଭ କରି ଦେଢ଼ଶହ ଟଙ୍କା ପର୍ଯ୍ୟନ୍ତ ମିଳୁଛି ସବୁଆଡ଼େ । ନିଆଳି, କାକଟପୁର ଅ*ଳରୁ ଏଠାକୁ ଆସୁଛି ପାନ, ପୁଣି ପାନମସଲା ଆସୁଛି ଦିଲ୍ଲୀ ଓ କଲକତାରୁ । ବନାରସ ଓ ରା*ର ପାନ ବି ଏଠାକୁ ଆସୁଛି ବିକ୍ରି ପାଇଁ । ଜାଫ୍ରାନ ଓ ଗୁଲକନ୍ଦର ଚାହିଦା ବି ଓଡ଼ିଶା ବଜାରରେ ଖୁବ୍ । ରାଜଧାନୀରେ ପାନ ଦୋକାନ କରି ହଜାର ହଜାର ଲୋକ ପେଟପାଟଣା ଦେଖୁଥିବାବେଳେ – ଏବେ ସେମାନଙ୍କର ରଜବଜାର ବେଶ୍ ଜମିଛି । ଦୋକାନୀମାନେ ଢ଼େର ମିଠା ମସଲା ଭର୍ତିକରି ରଖିଛନ୍ତି । ଘରେ ଘରେ ବି ବୟସ୍କ ଲୋକ ପାନ ଭାଙ୍ଗି ଅତିଥି ଚର୍ଚ୍ଚା କରୁଛନ୍ତି । ଝିଅଙ୍କର ଏବେ ପାନଖିଆର ବେଳ ।

ବିଭବ, ଆଚାର୍ଯ୍ୟ କଲୋନୀ,
ବାଲିଗୁଡ଼ା, କନ୍ଧମାଳ,
ଦୂରଭାଷ : ୯୪୩୭୨୪୨୩୧୭

# ପାର୍ବଣର ରଜ : ମହକ ହଜୁଛି

**ପୁଷ୍ପମିତ୍ର ମହାପାତ୍ର**

ଓଡ଼ିଶାରେ ଘରେ ଘରେ ପାଳନ କରାଯାଉଥିବା ରଜପର୍ବର ପାରମ୍ପରିକ ଚରିତ୍ରରେ ଏବେ ଘଟିଛି ଅନେକ ପରିବର୍ତନ । ସହରରେ ରଜର ମଉଜ ନାହିଁ । ଗାଁ ଗହଳିରେ ଆଉ ସେଭଳି ମନମତାଣିଆ ପର୍ବର ଆକର୍ଷଣ ଦେଖିବାକୁ ମିଳୁନାହିଁ । ଜାତୀୟ ପର୍ବ ଭାବେ ପରିଚିତ ରଜପର୍ବ କୁମାରୀ କନ୍ୟାମାନଙ୍କୁ ପୂର୍ବରୁ ଯେଉଁଭଳି ପ୍ରଭାବିତ କରୁଥିଲା ସେଥିରେ ପରିବର୍ତନ ଲକ୍ଷ୍ୟ କରାଯାଇଛି । ତେବେ ବି ପରମ୍ପରାର ଛିଟା ସଂପୂର୍ଣ୍ଣ ଭାବେ ଲିଭିନାହିଁ । ରଜପର୍ବରେ ନୂଆ ପୋଷାକ ପିନ୍ଧିବା, ପିଠାପଣା ଓ ଭଲ ମନ୍ଦ ଖାଦ୍ୟ ପ୍ରସ୍ତୁତ କରିବା ବ୍ୟବସ୍ଥା ଏବେ ବି ପ୍ରଚଳିତ ଅଛି ଅନେକ ସ୍ଥାନରେ । ମଫସଲ ଅ*ଳରେ ରଜର ମହକ ଏବେ ବି ଉତ୍‌ଫୁଲ୍ଲିତ କରୁଛି ଲୋକମାନଙ୍କୁ । କୁମାରୀ କନ୍ୟାମାନେ ତିନିଦିନ ଧରି ସ୍ନାନ କରନ୍ତି ନାହିଁ । ଖାଲି ପାଦରେ ଭୂମି ଉପରେ ଚାଲିବା ମଧ୍ୟ ଦେଖାଯାଏ ନାହିଁ । ଏକରକମ ଘର ଭିତରେ ବସି ରହନ୍ତି ସେତେବେଳେ କଦଳୀ ପାଟୁଆ ବା ଗୁଆଖୋଳ ପିନ୍ଧି ପଦାକୁ ଆସନ୍ତି । ଏବେ ଚପଲ ବ୍ୟବହାର କରାଗଲାଣି । ବସୁମତୀ ପୂଜା ପାଳନ ପାଇଁ ମାଟି ଖୋଳିବା ବା ମାଟିକୁ ଆଘାତ ଦେବା ଠାରୁ ଦୂରରେ ରହନ୍ତି ଲୋକମାନେ । ଦଳ ଦଳ ହୋଇ ମହିଳାମାନେ ସାହି ପଡ଼ୋଶୀ ଘରକୁ ଯାଇ ହସଖୁସିରେ ସମୟ ବିତାଇଥାଆନ୍ତି । ସନ୍ଧ୍ୟା ପୂର୍ବରୁ ସମାପ୍ତ କରିଥାଆନ୍ତି ଭୋଜନ ପର୍ବ । ରଜ ପୂର୍ବଦିନ ଠାରୁ ସବୁକାର୍ଯ୍ୟ ଶେଷ କରି ଥାଆନ୍ତି ସେମାନେ । କଂସାବାସନ ମଜା ମଜି ଠାରୁ ଆରମ୍ଭ କରି ରଜ ତିନିଦିନ ପାଇଁ ମସଲା ବାଟିବା ଏବଂ ପିଠା ପଣା ପାଇଁ ବିରିବଟା ଓ ଚୂନା କୁଟା କାର୍ଯ୍ୟ ଶେଷ କରାଯାଇଥାଏ । ଗାଁ ଗହଳିରେ ଏବେବି ଏହି ପରମ୍ପରାର ଚିତ୍ର କାଁ ଭାଁ ଲକ୍ଷ୍ୟ କରାଯାଏ । ଢ଼ିଙ୍କିରେ ଚାଉଳ ଚୂନା କରିବାଠାରୁ ଆରମ୍ଭ କରି ଦୋଳିରେ ବସି ମଉଜରେ ସାରାଦିନ ଝୁଲିବା ଦେଖାଯାଇଥାଏ । ଆଷାଢ଼ ମାସରେ ମେଘ ସହ ମାଟିର ମିଳନ ହୋଇଥାଏ । ମାଟିକୁ ବିଶ୍ରାମ ଦେବାପାଇଁ ତିନିଦିନ ପର୍ଯ୍ୟନ୍ତ ମାଟିକୁ କଷ୍ଟ ନଦେବାନେଇ ରଜପର୍ବ ପାଳନ କରାଯାଇଥାଏ ବୋଲି କହନ୍ତି ବୟସ୍କ ଲୋକମାନେ । ଏବେ ଏ ସବୁ କେହି କେହି ପାଳୁଥିବାବେଳେ ଅନେକ ଏହାକୁ ଅନ୍ଧ ବିଶ୍ୱାସ କହି ଦୂରେଇ ଦେବାରେ ଲାଗିଛନ୍ତି ।

ପହିଲି ରଜପର୍ବ ଦୁଇଦିନ ଆଗରୁ ସବୁ ପ୍ରସ୍ତୁତି ପାଇଁ ଆୟୋଜନ କରିଥାଆନ୍ତି ଘରରବୟସ୍କା ମହିଳାମାନେ । କେବଳ କୁମାରୀ କନ୍ୟା ନୁହନ୍ତି ଠାକୁରମାନଙ୍କୁ ମଧ୍ୟ ସ୍ନାନ କରାଯାଏ ନାହିଁ । କଟାବଟା କାର୍ଯ୍ୟ ମହିଳାମାନଙ୍କ ଦ୍ୱାରା କରାଯାଉନଥିବା ବେଳେ ଏହି କାର୍ଯ୍ୟ ପୁରୁଷମାନେ କରିଥାଆନ୍ତି । ରଜଦୋଳିର ଏକ ଆକର୍ଷଣ ରହିଛି । ଦୋଳିଟିଏ ଲାଗିଥିବା ସ୍ଥାନରେ ଝିଅମାନେ ନୂଆ ପୋଷାକ ପିନ୍ଧି ଦୋଳିଖେଳୁଥିବା ଦେଖାଯାଏ । ରଜ ତିନିଦିନ ପୃଥିବୀ ରଜସ୍ୱଳା ହେଉଥିବା ଲୋକମତ ରହିଛି । ଏହି କାରଣରୁ ଭୂମି ସ୍ପର୍ଶ ବା କର୍ଷଣକୁ ବାରଣ କରାଯାଇଛି ।

ବ୍ୟସ୍ତ ଜୀବନ ଭିତରେ ରଜର ମହକ ଧୀରେ ଧୀରେ ମଳିନ ପଡ଼ିଯାଇଥିବା ଏବେ ଲକ୍ଷ୍ୟ କରାଗଲାଣି । ପ୍ରସ୍ତୁତି ପାଇଁ ସମୟ ମଧ୍ୟ ନାହିଁ । ଅତ୍ୟାଧୁନିକ ବ୍ୟବସ୍ଥାରେ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ଯୋଗୁଁ କଟାକଟି ଓ ବଟାବଟି ଆଦି ନିଷିଦ୍ଧ ଥିଲେ ମଧ୍ୟ ତାହା ସହଜରେ ହୋଇପାରୁଛି ଭୂମିକୁ ସ୍ପର୍ଶ ନକରି । ପର୍ବପର୍ବାଣିର ମଜ୍ଜାନେବା ପାଇଁ ଆଉ ଆଗଭଳି ଆଗ୍ରହ ନାହିଁ । ଯେତେବେଳେ ଚାହିଁଲେ ମହିଳାମାନେ ସ୍ୱାଧୀନଭାବେ ସେମାନଙ୍କ କାର୍ଯ୍ୟ ସଂପାଦନ କରୁଛନ୍ତି । ସାହି, ପଡ଼ୋଶୀ, ବନ୍ଧୁମାନଙ୍କ ଘରକୁ ଯିବାପାଇଁ ଆଉ ସମୟ ଉପରେ ନିର୍ଭର କରିବାକୁ ହେଉନାହିଁ । ଯେଉଁଥିପାଇଁ ରଜପର୍ବର ଗୁରୁତ୍ୱ ଥିଲା ତାହା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି । ଦୋଳିଖେଳିବା ପାଇଁ ଇଛାହେଲେ ବଜାରରେ ମିଳୁଥିବା ପ୍ଲାଷ୍ଟିକ ସୂତାରେ ବୁଣା ଦୋଳି ଏବେ ରଜ ଦୋଳିର କାମ ଦେଉଛି । ବାଉଁଶ ବା ଦଉଡିର ଆବଶ୍ୟକତା ପଡୁନାହିଁ । ପର୍ବପର୍ବାଣିର ପାରମ୍ପରିକ ଚିତ୍ର ବଦଳୁଛି ଆଧୁନିକ ସମାଜର ଚାଲିଚଳଣକୁ ନେଇ । ଆଉ ସେତେବେଳର ପିଠାପଣା ବ୍ୟବସ୍ଥା ସହରୀ ଜୀବନରେ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଚିରାଚରିତ ଭାବେ ପ୍ରଚଳିତ ପ୍ରଥାକୁ ନେଇ କିଛି ଲୋକ ଏହାକୁ ଜାକଜମକର ସହ ପାଳନ କରୁଥିବାବେଳେ ଅଧିକାଂଶ ସ୍ଥାନରେ ବିଶେଷ କରି ସହରାଂଚଳ ମିଳନ ପଡ଼ିଆସିଛି ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,
କଟକ, ସେକ୍ଟର-୬, ସିଡିଏ, କଟକ,
ଦୂରଭାଷ : ୯୪୩୭୨୨୫୬୮୯

# କଟକି ରଜ



**ଡାକ୍ତର ସମ୍ରାଟ କର**

ରଜ ଓଡ଼ିଆ ଜନଜୀବନର ବାର୍ତାବହ ପାର୍ବଣ । ଦଶହରା ପରେ ସହର ସଂସ୍କୃତିରେ ବିଶେଷକରି କଟକରେ ରଜର ସ୍ଥାନ ନିଆରା । କେବଳ ଗ୍ରାମା*ଳ ନୁହେଁ କଟକ ପରି ସର୍ବବୃହତ ସହରରେ ରଜ ନିଜର ସ୍ୱତନ୍ତ୍ରତା ବଜାୟ ରଖିଥାଏ । ହଜାର ବର୍ଷର ସହର କଟକ । ଦଶହରା, ବାଲିଯାତ୍ରା ପରେ କଟକରେ ରଜ ଏକ ମହା ଯାକଜମକର ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ । ବଜାରରେ ତ ସହଯେ ରଜର ଢ଼େର ପୂର୍ବରୁ ଗହଳି । ରଜ ପୋଡ଼ପିଠା ଠାରୁ ପାନ, ଦୋଳି ଖେଳ ଠାରୁ ପୁଚି ଖେଳ, ଫିଲ୍ମ ଦେଖା ଠାରୁ ବନ୍ଧୁଙ୍କ ସହ ଗମାତ ଆଉ ଖାଶି ମାଂସର ତୁଣ ଭିତରେ ରଜ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି । ପିଲାଦିନରେ ବାପାଙ୍କ ସହ ରଜ ବୁଲିଛି । ହେତୁ ପାଇବା ପରେ ଜେଜଙ୍କ ସହରରେ ରଜ ବୁଲା ଭିତରେ ଝାପ୍‌ସା ମନେ ପଡୁଛି ଅନେକ କାହାଣୀର କଥା । ଚାନ୍ଦିନୀଚୌକରେ ଥିଲା ବସ୍‌ଷ୍ଟାଣ୍ଡ । ପ୍ରକାଣ୍ଡକାୟ ବରଗଛ ମୂଳେ ରୁବୁ ମିଆଁର ଖାଶି ମାଂସ ତାହା ପୁଣି ତାଳଗଛ ପତ୍ରରେ ପ୍ୟାକିଂ ହେଉଥିଲା । ପୋଡପିଠାର ବାସ୍ନା ସହର ସାରା ବାସର ସୁରଭି ମେଲାଇ ଥିବାବେଳେ ସହର ଭିତରେ ଅନେକ ପୋଖରୀ ଗାଡ଼ିଆ ଭିତରେ ମାଛ ଧରା ହୋଇ ଘରେ ଘରେ ରନ୍ଧା ହେଉଥିଲା । ସେତେବେଳେ କଟକ ସହର ନଥିଲା ଥିଲା ଏକା ଗାଁ । ମହାନଦୀର ଫ୍ୟାରେଦ ରୋଡ଼ରେ ଝିଅ ଝିଆଣୀମାନେ ଆସୁଥିଲେ ରଜ ବୁଲିବାକୁ । ସେତେବେଳେ କଉ ଫିଲ୍ମ ହଲ ଥିଲା ନା କଉ କେବୁଲ ଟିଭିରେ ଫିଲ୍ମ ଦେଖା । ନାଟକ ଦେଖା ଭିତରେ ଖୋଜା ପଡୁଥିଲା ଯାତ୍ରା ସୁଆଙ୍ଗ, ରାମଲୀଳା ଠାରୁ ଚମ୍ପୁର ଗାଆଣ ବଜାଣ । ହେଲେ ସେ ସବୁ ବର୍ତମାନ ଇତିହାସର କାହାଣୀ । ବର୍ତମାନର ରଜକୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି । ସହର ସାରା ପ୍ରକାଣ୍ଡକାୟ ସପିଂ ମଲ୍‌ର ଡ୍ରେସ୍ ସୋରୁମ୍ ଭିତରେ ହଜିଯାଉଛି ରଜ ସମୟର ସେଦିନର କାସ୍ଥାଲୁଗା, ତନ୍ତୁବୁଣା ଶାଢ଼ୀ ନହେଲେ କଳିକତି ଗାମୁଛା । ସତରେ କୁଆଡ଼େ ଗଲା ସେଦିନର ରଜପର୍ବ ।

ସହର ସାରା ଭର୍ତି ହୋଇଥିଲା ନାଲି ଗୋଡ଼ିରାସ୍ତା । ସଞ୍ଜ ହେଲେ ରାସ୍ତା କଡ଼ର ଖୁଂଟରେ ଲଗାଯାଉଥିଲା କିରୋସିନି ତେଲ ଭର୍ତିର ଲଣ୍ଠନ ପରି ଆଲୁଅ ବତୀ । ବର୍ତମାନ ତ ସବୁଠି ହାଇମାକ୍ସ ଲାଇଟ । ତଥାପି ବନ୍ଧୁବାନ୍ଧବଙ୍କ ସଙ୍ଗୁଳିବାର ଦିବସ ରଜ ନିଜର ପରିଚୟକୁ ହରାଇନାହିଁ । ବନ୍ଧୁବାନ୍ଧବ ଖୋଜା ପଡୁଥିଲେ ଏହି ଦିନରେ । ଆସୁଥିଲେ ବାଡ଼ିବଗିଚାର ଫଳଫୁଲୁରୀ ସହ ନିଜ ଅ*ଳର ନାମଜାଦା ଜିନିଷ ନେଇ ବନ୍ଧୁଘରକୁ । ହେଲେ ବର୍ତମାନ ମିଠା ଦରବ ଭିତରେ ଏଟିଏମ୍‌ରୁ ଟଙ୍କା ଉଠା ହୋଇ କ୍ଷଣିକ ଭିତରେ ରଜର ବେଭାର ଭର୍ତି ହୋଇଯାଉଛି । ସେତେବେଳେ କଉ ଛିଡ଼ା ହୋଇଥିଲା ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ? କ୍ୱଚିତ୍ ବସ ମୁଣ୍ଡ ଟେକି ଯାଉଥିଲେ ଚାନ୍ଦିନୀଚୌକ ଛକକୁ । ଖାଲି ପାଦରେ ଚାଲି ଚାଲି ଯିବାକୁ ପଡୁଥିଲା ଢ଼େର ବାଟ । ତେବେ କଟକ ସହରରେ ଅନେକ ସ୍ଥାନରେ ପ୍ରକାଣ୍ଡକାୟ ବରଓହଳ ଭିତରେ ତିଆରି ହେଉଥିଲା ରଜ ଦୋଳି । ଝିଅଝିଆଣୀମାନେ ସେଇଠି ହିଁ ସାରି ଦେଉଥିଲେ ଗୋଟିଏ ଦିନ । ମଜାମଜିଲିସ୍ ଭିତରେ ଖୋଜା ପଡୁଥିବା ରଜ ବର୍ତମାନକୁ ଦେଖିଲେ ମନେପଡୁଛି ଢ଼େର କଥା । ମହାନଦୀ ଓ କାଠଯୋଡ଼ିରେ ଏହାଭିତରେ ବିତିଗଲାଣି ଅନେକ ଦିନ । ଦୁଇଟି ନଈର ସୁଅରେ ବୋହିଗଲାଣି ଅନେକ ପାଣି ତଥାପି ଖୋଜା ପୁଡୁଛି ସେଦିନର ସମୟକୁ । ରଜରେ ଖାଂଟି କଟକିଆଣୀ ହାତରେ ତିଆରି କରୁଥିଲା ପୋଡପିଠା, କାକରା, ବିଭିନ୍ନ ପିଠାପଣା ସହ ରଜର ଖାନ୍‌ଦାନୀ ଶାଗୁଆତିର ଝୋଳ । ସପରିବାର ସହ ମଜା କାଟିବା ଭିତରେ ଝିଅଝିଆଣୀଙ୍କ ଗହଳ ଖୁସିର ମାହଲକୁ ବଢ଼ାଇ ଦେଉଥିଲା । ହେଲେ ସତରେ କୁଆଡ଼େ ଗଲା ସେ ଦିନ ଗୁଡ଼ା କଟକର ଦୁଇ ପଟରେ ଥିବା ମସ୍ତବଡ଼ ପଡ଼ିଆରେ କଟକିଆ ଯୁଆନ ଭେଣ୍ଡା ଟୋକାମାନେ ବାଗୁଡ଼ି ଖେଳରେ ତିନିଦିନ ନିଜକୁ ହଜାଇ ଦେଉଥିଲେ । ବର୍ତମାନ ବାଗୁଡ଼ି ଖେଳ କଥା କହିଲେ ସମସ୍ତେ ଥରେ ଚିନ୍ତା କରିବେ ସତରେ ଏ ଜିନିଷଟି କ'ଣ ? ତଥାପି ରଜ ନିଜର ଗୌରବ ହରାଇନାହିଁ ।

କଟକି ସଂସ୍କୃତିରେ ଭାଇଚାରାର ସହର ଭିତରେ ହଜାରେ ବର୍ଷର ପରମ୍ପରାକୁ ନେଇ ଗଢ଼ି ଉଠିଥିବା ରଜ ପାର୍ବଣ ଦଶହରା ଓ ବାଲିଯାତ୍ରା ପରେ ଅନ୍ୟତମ ମହାପାର୍ବଣ ରୂପରେ ନିଜର ସ୍ଥାନ ସ୍ୱତନ୍ତ୍ର ଭାବରେ ଗଢ଼ି ତୋଳିଛି । ରଜକୁ ନେଇ କଟକିଆଣୀ ଦେଖୁଥିବା ସ୍ୱପ୍ନକୁ ସାକାର କରିଥାଏ ତା ମରଦ ମଣିଷଟି । ଘରର ସବୁକିଛି ଖୋଜିଆଣି କିଣି ଦେଇ ଘରଣୀର ମନ ନେଇ ମଜା ମଜିଲିସ୍ ଭିତରେ ରଜ ପର୍ବକୁ କିପରି କାଟି ଦିଅନ୍ତି ଯେ କାହାକୁ ସତରେ ଜଣାପଡ଼େ ନାହିଁ । କଟକରେ ରଜ ସହର ନୁହେଁ ବରଂ ଗ୍ରାମ୍ୟ ସଂସ୍କୃତିର ଛାପ ଦେଖିବାକୁ ମିଳିଥାଏ । ସଂସ୍କୃତି ଓ ପରମ୍ପରା ଭିତରେ ମାଆ ଗଡ଼ଚଣ୍ଡୀ, କଟକଚଣ୍ଡୀ, କାଳିଗଳି କାଳୀ ଓ ଗଡେଶ୍ୱର ମହାଦେବଙ୍କୁ ନେଇ ପୂଜା ନୈବେଦ୍ୟ ଅର୍ପଣ କରିବାକୁ ରଜରେ କେହିବି ଭୁଲି ନଥାନ୍ତି । କର୍ମକ୍ଳାନ୍ତ ଜୀବନ ଭିତରେ ବିଶ୍ରାମର ଅବକାଶ ସୃଷ୍ଟି କରିଥାଏ ରଜ । ପ୍ରାଚୀନ ସଂସ୍କୃତିର ଗୌରବ ଗାଥାକୁ ବଜାୟ ରଖି ସ୍ୱତନ୍ତ୍ର ଭାବରେ ବନ୍ଧୁମେଳନର ଓ ମିତଣୀଙ୍କୁ ଭେଟ କରିବାର ଅପୂର୍ବ ସୁଯୋଗ ସୃଷ୍ଟି କରିଥାଏ ଏହି ରଜ । ବର୍ତମାନର ଚାକଚକ୍ୟଭରା ସଂସ୍କୃତି ଓ ସୂଚନା ପ୍ରଯୁକ୍ତିର କୌଶଳ ଭିତ୍ତରେ ରଜ କିନ୍ତୁ ନିଜର ସ୍ୱତନ୍ତ୍ରତା ହରାଇ ନାହିଁ । ତଥାପି ଖୋଜୁଛି ସେଦିନର ବନ୍ଧୁମାନଙ୍କୁ ସେ ସମୟର ଉଜାଣୀ ସୁଅରେ ହଜି ଯାଇଥିବା ମୁହୂର୍ତକୁ । ତଥାପି ଭାଇଚାରାର ସହର କଟକରେ ହଜି ନାହିଁ ରଜର ମଉଜ । ପୁଚିଖେଳ, ବାଗୁଡ଼ିର ଗୁରୁ ଗର୍ଜନ ଭିତରେ ଫିଲ୍ମ ହଲର ଡାଇଲକ୍ ଓ ସିଡ଼ି କ୍ୟାସେଟ୍‌ର ଅତ୍ୟାଧୁନିକ ମ୍ୟୁଜିକ୍ ଭିତରେ ମନଭିତରକୁ ଚାଲି ଆସୁଛି ସେ ସମୟର ସାଂସ୍କୃତିକ ମୁହୂର୍ତ । ମୋ ବାପା ଦିବଂଗତ ପ୍ରଫେସର ଗୋପାଳ ଚନ୍ଦ୍ର କର ଯେ କି ସମଗ୍ର ଭାରତର ଜଣେ ସୁନାମଧନ୍ୟ ମାନସିକ ରୋଗ ଚିକିତ୍ସକ ତଥା ମନସ୍ତତ୍ୱବିଦ୍ୟାର କୃତୀତ୍ୱ ବିଦ୍ୱାନବିମଣ୍ଡିତ ପ୍ରତିଭା ମା' ଡକ୍ଟର ଗାୟତ୍ରୀ ଦେବୀ ଜଣେ ପ୍ରଥିତ ଯଥା ସମାଜସେବିକା, ଲେଖିକା ଓ ଆଇନବିତ୍, ସେହିମାନଙ୍କ ଅଭୁଲା ସ୍ନେହ ଓ ମୋ କୁନି ଜୀବନକୁ ଚହଲାଇ ଦେଇଥିବା ଜୀବନ ସ୍ମୃତିର ମାର୍ଗପୁରୋଧାଙ୍କ ସ୍ନେହ ଏହି ରଜରେ ମୁଁ ଅନୁଭବ କରିଥାଏ । ମହାପାର୍ବଣର ସ୍ୱାକ୍ଷର ବହନ କରିଥିବା ରଜ ନିଜର ସ୍ଥାନ ସ୍ୱତନ୍ତ୍ର ଭାବରେ ବଜାୟ ରଖିଥିବାବେଳେ ତଥାପି ସେ ଦିନର ସମୟ ଓ ବନ୍ଧୁବର୍ଗଙ୍କ ଭିତରେ ମନେ ପଡ଼ିଯାଉଛି ଅନେକ ସ୍ମୃତି । କାଳର କରାଳ ଗର୍ଭରେ ଇତିହାସ ପାଲଟିଯାଇଥିବା ରଜ ମହାପାର୍ବଣ ଭାବରେ କଟକିଆଙ୍କ ପାଖରେ ନିଜ ସ୍ଥାନ ସ୍ୱତନ୍ତ୍ର ଭାବରେ ବଜାୟ ରଖିଛି । ଏହାକୁ କେହି ବି ଭୁଲିପାରିବେ ନାହିଁ ।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ,*
*ପୁରୀଘାଟ ରୋଡ଼, କଟକ*

# ରଜ ପୋଡ଼ପିଠା

**ଇତିଶ୍ରୀ ଅଲିଭା ଦିପ୍ତିମୟୀ ରାଉତ**

ପିଠା ଭିତରେ ସାର ରଜ ପୋଡ଼ ପିଠା । ଘରେ ହେଉ ବା ରଜ ଦୋଳିରେ ସବୁରି ହାତରେ ଖଣ୍ଡେ ପିଠା । ଏଇ ପୋଡ଼ପିଠାର ମହକ ଖେଳିଯାଏ ଚାରିଆଡ଼େ । ବର୍ଷକରେ ଥରେ ଘରେ ପୋଡ଼ପିଠା ହେବ ବୋଲି କାହାରି ପାଦ ତଳକୁ ଲାଗୁନଥାଏ । ପହିଲିରଜ ପୂର୍ବଦିନ ସଜବାଜ । ରଜ ସଉଦାରେ ପୋଡ଼ପିଠାର ସବୁ ଚିଜ କିଣାଯାଇଥାଏ । ରାତିରେ ରୋଷେଇବାସ ସରିଲା ପରେ ଶାଶୂ-ବୋହୂ ମିଶି ପୋଡ଼ପିଠା ତିଆରିରେ ଲାଗିଯାନ୍ତି । ହାଣ୍ଡିଶାଳରେ ଚୁଲିରେ ମାଟି ହାଣ୍ଡି ବସାଇ ପାଣି ଫୁଟାଏ ବୋହୂ । ଏଥିରେ ପଡ଼େ ଆବଶ୍ୟକ ପରିମାଣର ଲୁଣ ଆଉ ଗୁଡ଼ । ଶାଶୂ ଚୁଲିମୁଣ୍ଡରେ ବସି ବଢ଼େଇ ଦେଉଥାଏ । ବୋହୂ ଫୁଟନ୍ତା ପାଣିରେ ପୂର୍ବରୁ ଶିଳରେ ପ୍ରସ୍ତୁତ ଚାଉଳ ଚୂନା ପକାଇ ଏହାକୁ ଯନ୍ତିବାକୁ ଆରମ୍ଭ କରେ । ସହଯୋଗ କରେ ଶାଶୂ । ଚୂନା ଯନ୍ତି ଆସିବାବେଳକୁ ଏଥିରେ ପଡ଼େ ଅଦା, ମରିଚ ଆଉ ପାତିନଡ଼ିଆ । କେତେବେଳେ କେମିତି ଏହି ପିଠାରେ ବସାଦହି ବି ପଡ଼ିଥାଏ, ଯାହା ସ୍ୱାଦଯୁକ୍ତ କରାଏ ପିଠାକୁ । ଚୂନା ଯନ୍ତା ସରିଲା ପରେ ଏହାକୁ ଅଜାଡ଼ି ଦିଆଯାଏ ପଲମରେ । ପଲମରେ ଦିଆଯାଏ କଦଳୀପତ୍ର । ଏଥିରେ ଚୂନାଯନ୍ତାକୁ ହାତରେ ସଜାଡ଼ି ଜୁଆଣି, ଅଳେଇଚ, ଗୁଜୁରାତି ପ୍ରଭୃତି ମସଲା ଦିଆଯାଏ । ଏତେସବୁ କାମ ଭିତରେ ଘଷି ରଡ଼ନିଆଁ ଝଟକି ଉଠୁଥାଏ ଚୁଲିରେ । ତଳେ ଚୁଲି ନିଆଁ, ଆଉ ଚୁଲି ଉପରେ ପଲମ ବସାଇ ପଲମରେ ଉପରେ ଅଜାଡ଼ି ଦିଆଯାଏ ରଡ଼ନିଆଁ । ରାତିସାରା ଚୁଲି ପାଉଁଶରେ ପିଠା ପୋଡ଼ା ହେଉଥାଏ । ପିଠାକାମ ସାରି ସମସ୍ତେ ଶୋଇପଡ଼ନ୍ତି । ସକାଳୁ ଉଠିଲେ ସମସ୍ତଙ୍କର ମନେ ପଡ଼େ ପୋଡପିଠା କଥା । ଗାଧୁଆ ସାରି ନୂଆ ବେଶପୋଷାକରେ ମଜିଯାନ୍ତି ପିଲାଠୁ ବୁଢ଼ାଯାଏ । ଖୁସି କହିଲେ ନସରେ । ପହିଲି ରଜର ପହିଲି ପୁଲକ ଭରିଯାଏ ମନରେ । ରଙ୍ଗ ବେରଙ୍ଗର ପୋଷାକରେ କିଶୋରୀ ଓ ଯୁବତୀଙ୍କର ଗାଁ ବୁଲା ଆରମ୍ଭ ହୋଇଯାଇଥାଏ । ବାଡ଼ିପଟେ ଆମ୍ବ କି ବରଗଛରେ ରଜଦୋଳି ସଜ ହୋଇଥାଏ । ଘରର ବଡ଼ବୋହୂ କି ଯେ କେହି ମହିଳା ଗାଧୁଆପାଧୁଆ ସାରି ନୂଆବସ୍ତ୍ର ପିନ୍ଧି ଚୁଲିରୁ ପିଠା ଓହ୍ଲାଇ ପନିକି ଧରି ବସିପଡ଼ନ୍ତି ପୋଡପିଠା କାଟିବାକୁ । ଚାରିପଟେ ବେଢ଼ିଯାନ୍ତି ପିଲାମାନେ । କଟା ପୋଡପିଠାରୁ କିଛି ପ୍ରଥମେ ଗୃହଦେବୀ ବୃନ୍ଦାବତୀଙ୍କ ଠାରେ ଭୋଗ ଲଗାଯାଏ । ପରେ ପିଣ୍ଡି ଓ ବାରିଆଡ଼େ ଦିଆଯାଏ ଏହି ପିଠା । ପରେ ଘରର ବୋହୂ ଏହି ପିଠାକୁ ପ୍ରଥମେ ମାନ୍ୟ ଲୋକ ଓ ପରେ ପିଲାଙ୍କ ଭିତରେ ବାର୍ଟି ଦିଅନ୍ତି । ପିଲାଙ୍କର ମଧ୍ୟ ଏହାକୁ ଖାଇବାର ଉତ୍ସାହ କିଛି କମ୍ ନୁହେଁ । ସାଇପଡ଼ିଶାରେ ଏହି ପିଠା ବଂଟାଯାଏ । କାହାରି ଘରେ ସେଇବର୍ଷ କେହି ମରିଥିଲେ ତାଙ୍କ ଘରେ ପିଠା ହୋଇନଥାଏ, କିନ୍ତୁ ସାଇପଡ଼ିଶାରେ କେତେଆଡୁ ପିଠା ପହ*ଯାଏ ତାଙ୍କ ଘରେ । ରଜରେ ପୋଡ଼ପିଠା ବାଂଟିବାର ପରମ୍ପରା ଗ୍ରାମ୍ୟ ସଂସ୍କୃତିରେ ଖୁବ୍ ନିଆରା । ଝିଅମାନେ ଦଳ ଦଳ ହୋଇ ପୋଡ଼ପିଠା ଖାଇ ରଜଦୋଳି ଖେଳିବାର ଦୃଶ୍ୟ ଖୁବ ଆମୋଦଦାୟକ । ପୋଡ଼ପିଠାର ମହକରେ ମହକିଯାଏ ସାରା ଗାଁ । ପୋଡ଼ପିଠା ଓଡ଼ିଆ ଖାଦ୍ୟ ସଂସ୍କୃତିରେ ତା'ର ସ୍ୱତନ୍ତ୍ରତା ବଜାୟ ରଖିଛି । ଓଡ଼ିଆର ଜାତୀୟ ପର୍ବ ରଜରେ ଓଡ଼ିଆଣୀର ପୋଡ଼ପିଠା ଖୁବ୍ ସ୍ୱାଦ ଓ ରୁଚିପୂର୍ଣ୍ଣ । ଲକ୍ଷ୍ମୀପୁରାଣରେ ମହାଲକ୍ଷ୍ମୀ ଶ୍ରୀଜଗନ୍ନାଥ ଓ ଶ୍ରୀବଳରାମଙ୍କୁ ଖାଇବା ଶେଷରେ ପୋଡ଼ପିଠା ଦେବାର ବର୍ଣ୍ଣନା ରହିଛି । ତେଣୁ ଶ୍ରୀମନ୍ଦିର ପରମ୍ପରାରେ ଓଡ଼ିଶାର ଲୋକଦେବତାଙ୍କ ପାଖରେ ଏହା ଖୁବ୍ ପ୍ରିୟ, ଯେଉଁଥି ପାଇଁ ମହାପ୍ରଭୁ ରଥଯାତ୍ରାରେ ଆସନ୍ତି ମାଉସୀ ମା'ଘର । ଓଡ଼ିଶା ଏକ କୃଷି ପ୍ରଧାନ ଦେଶ ଓ ରଜ ଏକ କୃଷିଭର୍ତିକ ପର୍ବ । ଏଠାରେ ଧାନ ଫସଲ ମୁଖ୍ୟ ହୋଇଥିବା ବେଳେ ଚାଉଳ ଚୂନାରେ ତିଆରି ଏହି ପିଠା ଉତ୍କଳୀୟ ସାଂସ୍କୃତିକ ଧାରାରେ ଚଳଣିର ଅଂଶ ହୋଇରହିଛି ।

ସେକ୍ଟର-୬, ସିଡିଏ, କଟକ




## ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ



ପାରଳାଖେମଣ୍ଡି,(ପି.ଏନ): ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ଡ଼ମ୍ବାଗୁଡା ଗ୍ରାମ ପଂଚାୟତ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ,ଆରକ୍ଷୀ ଅଧିକ୍ଷକ ଶ୍ରୀ ଯତୀନ୍ଦ୍ର କୁମାର ପଣ୍ଡା , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଶଙ୍କର କେରକେଟା, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା,ସମ୍ପୃକ୍ତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ଡ଼ମ୍ବାଗୁଡା ଗ୍ରାମ ପଂଚାୟତ ସମେତ ଅଡଭା, ଆଳିଗଣ୍ଡା ଓ ଡ଼ାମଡୁଆ ପଂଚାୟତର ସମୁଦାୟ ମୋଟ- ୧୨୨ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୩୨ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା-୯୦ ଗୋଟି ଅଭିଯୋଗ ଆସିଥିଲା ଓ ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା,ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସମୟରେ ମୋହନା ପଂଚାୟତ ସମିତି ଅଧକ୍ଷ ଶ୍ରୀଯୁକ୍ତ ରାଜୀବ ଶବର, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ରାଜୀବ ଦାସ,ତହସିଲଦାର ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ,ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ଓ ସ୍ଥାନୀୟ ସରପଂଚ ଓ ଜନପ୍ରତିନିଧି ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଅଭିଯୋଗ ଶୁଣାଣୀ ରେ ଉପସ୍ଥିତ ଥିଲେ ।

## ରାମନାଗୁଡା ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ



ରାମନାଗୁଡା(ପି.ଏନ): ରାୟଗଡା ଜିଲ୍ଲା ରାମନାଗୁଡା ବ୍ଲକ କାର୍ଯ୍ୟାଳୟର ସଭାଗୃହ ରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ନିର୍ଦ୍ଦେଶରେ ରାୟଗଡା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି ଶିବିର ରେ ଆରକ୍ଷୀ ଅଧିକ୍ଷକ ସ୍ୱାତି ଏସ କୁମାର, ଗୁଣପୁର ଉପ ଜିଲ୍ଲାପାଳ କିରନଦୀପ କୌର ସହତା, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ସିଡିଏମଓ ପ୍ରଫୁଲ୍ଲ କୁମାର ପାଢ଼ୀ,ରାମନାଗୁଡା ବ୍ଲକ ଅଧକ୍ଷ ରବି ଶଙ୍କର ଗମାଙ୍ଗ ଯୋଗଦେଇ ଅଭିଯୋଗର ଶୁଣାଣୀ କରିଥିଲେ । ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନଙ୍କ ତତ୍ୱାବଧାନ ରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଆଜି ମୋଟ ୨୩ଟି ଅଭିଯୋଗ ର ଶୁଣାଣୀ ହୋଇଥିବା ବେଳେ, ସେଥିରୁ ୧୬ଟି ବ୍ୟକ୍ତିଗତ, ୦୬ଟି ସାମୁହିକ, ଗୋଟିଏ ସ୍ୱାସ୍ଥ୍ୟଗତ ଦରଖାସ୍ତ ପଞ୍ଜିକରଣ ହୋଇଥିଲା ।

ଏହି ଅଭିଯୋଗ ଶିବିରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ବିଷ୍ଣୁ ପ୍ରସାଦ କର, ଜିଲ୍ଲା ପ୍ରାଣିଧନ ଚିକତ୍ସା ଅଧିକାରୀ ଡାକ୍ତର ଦେବରାଜ ନାୟକ, ଜଳ ବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦାମୋଦର ପାଣିଗ୍ରାହୀ, ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ଶିବଶଙ୍କର ଚୌଧୁରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନ ଲାଲ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅମୂଲ୍ୟ ଚିନ୍ନାର, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ରାମନାଗୁଡା ତହସିଲଦାର, ରାମନଗୁଡା ପ୍ରାଣ କୃଷ୍ଣ ପାଣିଗ୍ରାହୀ,ସହକାରୀ ଯନ୍ତ୍ରୀ ପ୍ରତାପ କୁମାର ମିଶ୍ର ଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଯୋଗଦାନ କରି ଅଭିଯୋଗ ମାନ ଶୁଣାଣୀ କରିଥିଲେ କ୍ଷଏହି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଆଶ୍ଚର୍ଯ୍ୟର କଥା ହେଲା ୨୩ ଗୋଟି ଅଭିଯୋଗ କାରୀଙ୍କ ମଧ୍ୟରୁ ଏପ୍ରିଲ ମାସ ୨୧ ତାରିଖରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳ ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ରେ ପଞ୍ଜିକରଣ କ୍ରମାଙ୍କ ସଂଖ୍ୟା ୨୧/୬୯୩ ରେ ରାୟଗଡା ଜିଲ୍ଲା ଗୁଣୁପୁର ର ଆଇନଜୀବୀ ହିମକାନ୍ତ ମହାପାତ୍ର ମଧ୍ୟ ଅଭିଯୋଗ କରିଥିଲେ ସେ ଗୁଣୁପୁର ମୌଜାର ଖାତା ନମ୍ବର ୩୨୧/୪୫୫୩,ପ୍ଲଟ ନମ୍ବର ୯୮୭/୧୭୨୦ ଓ ପ୍ଲଟ ନମ୍ବର ୯୮୫/୧/୧୭୧୯ ରେ ମୋଟ ଏକର ୦.୦୪ ସେ[ ଜମି କ୍ରୟ କରି ଘରବାରୀ କରିଛନ୍ତି ଘର ତିଆରି କରିବା ଉଦ୍ଦେଶ୍ୟରେ ଜମି ଚିହ୍ନଟ ମାମଲା ନମ୍ବର ୬୦/୧୬ ତା ୦୧:୦୭:୨୦୧୬ ରିଖ ରେ ସରକାରୀ ଫିଜ ଦାଖଲ କରି ଉକ୍ତ ଦିନ ଠାରୁ ଗୁଣୁପୁର ରାଜସ୍ୱ ନିରୀକ୍ଷକଙ୍କ ଠାରୁ ଆରମ୍ଭ କରି ତହସିଲଦାର, ଉପ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଜମି ଚିହ୍ନଟ କରିବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ ସୁଦ୍ଧା ବିଜେଡି ସରକାର ଠାରୁ ଆରାମ୍ଭ କରି ଭାଜପା ସରକାର ପର୍ଯ୍ୟନ୍ତ ନିଜ ଜମି ଚିହ୍ନଟ ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ପଡ଼ିଥିବା ଆଇନଜୀବୀ ହିମକାନ୍ତ ମହାପାତ୍ର କହିଛନ୍ତି ।ସେହିପରି ସେ ଜଣେ ପେଷାରେ ଆଇନଜୀବୀ ହୋଇଥିଲେ ମଧ ରାଜସ୍ୱ ବିଭାଗ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଅଧିକାରୀ ମାନଙ୍କ ପର୍ଯ୍ୟନ୍ତ ଆଜିକୁ ୯ ବର୍ଷ ଧରି ସଂଘର୍ଷ କରି କାହାକୁ ଗୁହାରି କରିଲେ ମଧ କେହି ଶୁଣୁ ନଥିବା ବେଳେ ଜଣେ ସାଧାରଣ ଲୋକ ର ଗୁହାରି କିପରି ସମାଧାନ ହେଉଥିବ ମୋ ଘଟଣା ରୁ ସହଜେ ଅନୁମେୟ ବୋଲି ଅଭିଯୋଗ କରିଛନ୍ତି । ଯଦି ଜମି ଚିହ୍ନଟ ସମ୍ପର୍କରେ ଆର ଆଇ କିମ୍ବା ତହସିଲଦାର ଙ୍କୁ କହିଲେ ପୁରୁଣା କଥା ଆମେ ଜାଣିନାହୁଁ ବୋଲି କହୁଥିବା ବେଳେ ଉକ୍ତ କେସ ରେକର୍ଡ ର ସାର୍ଟିଫାଇଡ଼ କପି ମାଗିଲେ ମଧ ରେକର୍ଡ ନାହିଁ ବୋଲି ଗୁଣୁପୁର ତହସିଲଦାର କହିଥିବା ଆଇନଜୀବୀ ଶ୍ରୀ ମହାପାତ୍ର କହିଛନ୍ତି । ଗୁଣୁପୁର ରାଜସ୍ୱ ନିରୀକ୍ଷକ ଜମି ଚିହ୍ନଟ ପାଇଁ ଖାତାଦାର ଙ୍କୁ ସ୍କେଚ ମ୍ୟାପ ମାଗୁଛନ୍ତି କିନ୍ତୁ କାର୍ଯ୍ୟାଳୟ ରେ ଥିବା ମ୍ୟାପ କୁ ଖୋଜୁ ନାହାନ୍ତି ବୋଲି କହିଥିବା ବେଳେ ଜମି ଚିହ୍ନଟ ପାଇଁ ପୁରୁଣା ମାମଲା ଗୁଡିକ ପଡିରହିଥିବା ସ୍ଥଳେ ନୂତନ ଜମି ଚିହ୍ନଟ କିପରି ହେଉଛି ବୋଲି ଅଭିଯୋଗ କରିଛନ୍ତି ।ତେବେ ଆଇନଜୀବୀ ଶ୍ରୀ ହିମକାନ୍ତ ମହାପାତ୍ରଙ୍କ ଭଳି ଅନେକ ଅଭିଯୋଗ କାରୀଙ୍କ ଅଭିଯୋଗ ର କେବେ ସମାଧାନ ହେବ ତାହା ଦେଖିବାକୁ ବାକି ରହିଲା ।ଅନ୍ୟ ମାନଙ୍କ ମଧ୍ୟରେ ସହକାରି ଜିଲ୍ଲାପାଳ ତଥା ଅଭିଯୋଗ ଶୁଣାଣି ଅଧିକାରୀ ସସ୍ମିତା ପଟ୍ଟନାୟକ, ଅଭିଯୋଗ ଶୁଣାଣି ସହାୟକ ଅଚ୍ୟୁତାନନ୍ଦ ଲିମା ଶିବିର ପରିଚାଳନା କରିଥିବା ବେଳେ ରାମନାଗୁଡା ଥାନା ଅଧିକାରୀ ସଦଳବଳେ ଘଟଣା ସ୍ଥଳରେ ଉପସ୍ଥିତ ରହି ଆଇନ ଶୃଙ୍ଖଳା ରକ୍ଷା କରିଥିଲେ ।

## ତରଭା ପଂଚାୟତ ସମିତି ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ସୁବର୍ଣ୍ଣପୁରଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର




ସୁବର୍ଣ୍ଣପୁର,(ପି.ଏନ):ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପ୍ରଧାନ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୩୦ ଗୋଟି ପଞ୍ଜୀକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ୨୧ ଗୋଟି ବ୍ୟକ୍ତିଗତ ଦରଖାସ୍ତ ଗ୍ରହଣ କରାଯାଇଥିବା ବେଳେ, ୦୯ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି ।ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ,ତରଭା ଶ୍ରୀ ଗଙ୍ଗାରାମ ବୁଡେକଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଶ୍ରୀ ଅଶ୍ୱିନୀ କୁମାର ମେହେର ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଂଚଳ ପରିଷଦ ତରଭା ସହ ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ ଏବଂ ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।



୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

Bhubaneswar Sunday June 15 | ଭୁବନେଶ୍ୱର ରବିବାର, ୧୫, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com

# ଦକ୍ଷିଣ ଆଫ୍ରିକା କ୍ରିକେଟରେ ଯୋଡି ହେଲା ନୂଆ ଅଧ୍ୟାୟ, ୨୭ ବର୍ଷ ପରେ ଜିତିଲା ଆଇସିସି ମୁକୁଟ




ଭୁବନେଶ୍ୱର,(ପି.ଏନ) : ଦକ୍ଷିଣ ଆଫ୍ରିକା କ୍ରିକେଟରେ ଯୋଡି ହୋଇଛି ନୂଆ ଅଧ୍ୟାୟ। ଦୀର୍ଘ ୨୭ ବର୍ଷର ଅପେକ୍ଷାରେ ପଡିଛି ପୂର୍ଣ୍ଣଚ୍ଛେଦ। ଶେଷରେ କୌଣସି ବଡ ଆଇସିସି ମୁକୁଟ ଜିତି ପାରିଛି ଦକ୍ଷିଣ ଆଫ୍ରିକା। ଅନେକ ଅପବାଦ ଓ ଅନେକ ଥର ହୃଦୟ ଭାଙ୍ଗିବା ପରେ ଦକ୍ଷିଣ ଆଫ୍ରିକା ନିଜର ସହ ଥିବା ଟ୍ୟାଗ ଚୋକର୍ସଙ୍କୁ ବଦଳାଇ ପାରିଛି।୧୯୯୮ ପରେ ଦକ୍ଷିଣ ଆଫ୍ରିକା କୌଣସି ବଡ ଆଇସିସି ଟ୍ରଫି ଜିତିବାକୁ ସକ୍ଷମ ହୋଇଛି। ୨୦୨୩-୨୫ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲରେ ଟେମ୍ବା ବଭୁମାଙ୍କ ଦକ୍ଷିଣ ଆଫ୍ରିକା ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ହରାଇ ଦେଇଛି। ଏଥିସହ ଆଇସିସି ଟ୍ରଫି ଜିତିବା ମରୁଡିରେ ବିରାମ ଲଗାଇଛି। ୨୭ ବର୍ଷ ପରେ ପ୍ରଥମ ଓ କ୍ରିକେଟ ଇତିହାସରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଥର ପାଇଁ କୌଣସି ଆଇସିସି ପକ୍ଷରୁ ଆୟୋଜିତ ବିଶ୍ୱ ସ୍ତରୀୟ ମୁକୁଟ ହାସଲ କରିଛି।ଏହି ୨୭ ବର୍ଷ ମଧ୍ୟରେ ଦକ୍ଷିଣ ଆଫ୍ରିକାର ଉଭୟ ପୁରୁଷ ଓ ମହିଳା ଟିମ ଆଇସିସି ପକ୍ଷରୁ ଆୟୋଜନ ହେଉଥିବା ଟୁର୍ଣ୍ଣାମେଣ୍ଟର ଫାଇନାଲ ଓ ସେମି ଫାଇନାଲକୁ ଯାଇଥିଲେ। କିନ୍ତୁ କେବେ ହେଲେ ଟ୍ରଫି ଜିତିବାର ଗୌରବ ହାସଲ କରି ପାରି ନଥିଲେ। କିନ୍ତୁ ଏବେ ଦକ୍ଷିଣ ଆଫ୍ରିକା ତୃତୀୟ ଦେଶ ଭାବେ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଜିତି ପାରିଛି। ଏହି ଚାମ୍ପିୟନଶିପର ପ୍ରଥମ ସଂସ୍କରଣରେ ନ୍ୟୁଜିଲ୍ୟାଣ୍ଡ ଟ୍ରଫି ଜିତିଥିବା ବେଳେ ୨୦୨୩ରେ ଅଷ୍ଟ୍ରେଲିଆ ବାଜି ମାରିଥିଲା।

# କମ୍ବିଂ ବେଳେ ୩ ମହିଳାଙ୍କ ସମେତ ୪ ନକ୍ସଲ ନିହତ

ଭୁବନେଶ୍ୱର,(ପି.ଏନ) : ସୁରକ୍ଷାକର୍ମୀଙ୍କୁ ମିଳିଛି ବଡ ସଫଳତା। ମଧ୍ୟପ୍ରଦେଶର ବାଲାଘାଟରେ କମ୍ବିଂ ଚାଲିଥିବା ବେଳେ ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଛନ୍ତି ୪ ନକ୍ସଲ। ଏମାନଙ୍କ ମଧ୍ୟରେ ୩ ଜଣ ହେଉଛନ୍ତି ମହିଳା। ସେହିପରି ଘଟଣା ସ୍ଥଳରୁ ଆଉ କିଛି ନକ୍ସଲ ଖସି ଯାଇଥିବା ଆଶଙ୍କାରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି।ପଚାମା ଦାଦର ଜଙ୍ଗଲରେ କିଛି ନକ୍ସଲ ଲୁଚି ରହିଥିବା ଖବର ମିଳିବା ପରେ ପୁଲିସ୍ ? ଓ ଯବାନଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ଜଙ୍ଗଲ ଭିତରେ କମ୍ବିଂ ଚାଲିଥିବା ବେଳେ ନକ୍ସଲମାନେ ଗୁଳି ଚଳାଇଥିଲେ। ଏହାର ଜବାବ ମଧ୍ୟ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଦିଆଯାଇଥିଲା।








# ପ୍ରାକୃତିକ ଉପାୟରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଏହିସବୁ ଖାଦ୍ୟ

ଭୁବନେଶ୍ୱର,(ପି.ଏନ) : ସମଗ୍ର ଦେଶରେ ବୃଦ୍ଧି ପାଉଥିବା କୋଭିଡ଼ ସ୍ଥିତି ତଥା ଫ୍ଲୁ ମାମଲା ଗୁଡ଼ିକୁ ଦୃଷ୍ଟିରେ ରଖି ଆପଣଙ୍କ ଶରୀରରେ ରୋଗପ୍ରତିରୋଧକ ଶକ୍ତିକୁ ମଜବୁତ୍ କରିବା ତଥା ଏହାକୁ ଭଲ ଭାବରେ କ୍ରିୟାଶୀଳ ରଖିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏହି ପ୍ରସଙ୍ଗରେ ଡା. ରୋହିଣୀ ପାଟିଲ, ଏମବିବିଏସ ଏବଂ ନ୍ୟୁଟ୍ରିସନିଷ୍ଟଙ୍କ ମତରେ ଆଲମଣ୍ଡ, ହଳଦୀ, ଅଦା ଭଳି ପୋଷକ ତତ୍ୱରେ ଭରପୁର ଖାଦ୍ୟକୁ ସାମିଲ କରିବା ଦ୍ୱାରା ଏହା ଆପଣଙ୍କର ଶରୀରରେ ପ୍ରତିରୋଧୀ ପ୍ରଣାଳୀକୁ ଦୃଢ଼ କରିବା ସହିତ ଏହି ଋତୁ ପରିବର୍ତ୍ତନ ସମୟରେ ଆପଣଙ୍କୁ ସୁସ୍ଥ ରଖିଥାଏ। କାଲିଫର୍ଣ୍ଣିଆ ଆଲମଣ୍ଡ ୧୫ଟି ଅତ୍ୟାବଶ୍ୟକୀୟ ପୌଷ୍ଟିକତତ୍ୱରେ ଭରପୁର। ଯେଉଁଥିରେ ରହିଛି ଉପାଦେୟ



ଚର୍ବି, ପ୍ରୋଟିନ, ଜିଙ୍କ, ମ୍ୟାଗନେସିୟମ ତଥା ଭିଟାମିନ ଇ ଯାହାକି ହୃଦଜନିତ ସୁସ୍ଥତାକୁ ବଢ଼ାଇବା ସହିତ ଶରୀର ଶକ୍ତି ସ୍ତରକୁ ବୃଦ୍ଧି କରିଥାଏ। ଫୁଡ ସେଫଟି ଆଣ୍ଡ ଷ୍ଟାଣ୍ଡାର୍ଡ ଅଥରିଟି ଅଫ ଇଣ୍ଡିଆ (ଏଫଏସଏସଏଆଇ) ଅନୁମୋଦିତ ମୁତାବକ, ଆମ ଦୈନନ୍ଦିନ ଖାଦ୍ୟ ଅଭ୍ୟାସରେ ଆଲମଣ୍ଡର ଯୋଗଦାନ ଶରୀରରେ ରୋଗ ପ୍ରତିରୋଧଶକ୍ତି ବୃଦ୍ଧି ସହିତ ଅତି ପ୍ରଭାବଶାଳୀ ଢ଼ଙ୍ଗରେ ଶରୀରକୁ ନିରୋଗ ରଖିବାରେ ସାହାଯ୍ୟ କରିଥାଏ। ପ୍ରତିଦିନ ଗୋଟିଏ ମୁଠା ଆଲମଣ୍ଡ ଖାଦ୍ୟରେ ଗ୍ରହଣ ଦ୍ୱାରା ଏହା ଉତମ ଚର୍ମ ସ୍ୱାସ୍ଥ୍ୟ ତଥା ଶରୀରର ଓଜନ ପରିଚାଳନାରେ ସାହାଯ୍ୟ କରିଥାଏ । ଜ୍ୱଳନ-ପ୍ରତିରୋଧକାରୀ ତଥା ଆଂଟିଅକ୍ସିଡାଂଟ ତତ୍ୱ ଭାବରେ ଜଣାଶୁଣା ହଳଦି ବିଶେଷଭାବରେ ରୋଗ ପ୍ରତିରୋଧଶକ୍ତି ବୃଦ୍ଧି ଏବଂ ସଂକ୍ରମଣକୁ ପ୍ରତିହତ କରିବାରେ ଯଥେଷ୍ଟ ସାହାଯ୍ୟ କରେ। ଏହି ଫ୍ଲୁଜନିତ ସମସ୍ୟାରେ ତଥା ବିଶେଷ ଭାବରେ ମୌସୁମୀ ଋତୁରେ ଏହାକୁ ନିଜ ଖାଦ୍ୟରେ ସାମିଲ କରିବା ଅତି ଆବଶ୍ୟକ ଅଟେ। ସେହିଭଳି ଅଦା ପାଚନକ୍ରିୟାରେ ସାହାଯ୍ୟ, ଜ୍ୱଳନ ହ୍ରାସ ତଥା ଜୀବାଣୁ ନିରୋଧକାରୀ ଶକ୍ତି ଭାବରେ ରହି ଶରୀରରେ ସାଧାରଣ ଥଣ୍ଡା ଓ ଗଳା ଦରଜ ଭଳି ଲକ୍ଷଣ ବିରୋଧରେ ଏହା ଲଢ଼େଇ କରିଥାଏ।

# କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନାକୁ ଲୋକଙ୍କ ନିକଟକୁ ପହଂଚାଇବା ବିକାଶ ମେଳା ଲକ୍ଷ୍ୟ

ରାୟଗଡ,(ପି.ଏନ): କେନ୍ଦ୍ରରେ ସରକାରଙ୍କ ୧୧ବର୍ଷ ପୂର୍ତ୍ତି ଓ ଓଡିଶା ସରକାରର ୧ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଜିଲାରେ ଗୁରୁବାର ବିକାଶ ମେଳାର ଶୁଭାରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ରାୟଗଡା ଜିଲାରେ ପୂର୍ବାହ୍ନ ୧୧ଟା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିକାଶ ବାହନକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ଜିଲ୍ଲାପାଳ ପାରୁଲ ପଟାୱରୀ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ । ଏହି ବିକାଶ ବାହନ ଗୁରୁବାର ଠାରୁ ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବ୍ଲକରେ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳତା ବିଷୟରେ ଲୋକଙ୍କୁ ସଚେତନତା କରିବା ସହିତ ଜନସାଧାରଣ ସମସ୍ତ ସରକାରୀ ଯୋଜନାର କିଭଳି ଲାଭ ପାଇପାରିବେ ସେନେଇ ସଚେତନତା କରିବ । ନାରୀ ସଶକ୍ତିକରଣ ପାଇଁ ସୁଭଦ୍ରା ଯୋଜନାରେ ୧କୋଟିରୁ ଉର୍ଦ୍ଧ ମହିଳାଙ୍କୁ ସ୍ୱାବଲମ୍ବୀ ପାଇଁ ଆର୍ଥିକ ସହଯୋଗ, ୧୭ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରିବା, ଯୁବବର୍ଗ, ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଉଚ୍ଚ ଶିକ୍ଷାରେ ୧୧.୨୫% ସ୍ଥାନ ସଂରକ୍ଷଣ, ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ, ସରକାରୀ ଚାକିରି ସୀମା ୪୨ ବର୍ଷକୁ ବୃଦ୍ଧି, ରାଜ୍ୟରେ ସରକାର ଗଠନ ପରେ ପ୍ରଥମ ୧୦ ମାସରେ ୪୦,୨୬୬ ମୂଳ ପଦବୀ ପୂରଣ, ତୃଣମୂଳସ୍ତରରେ କ୍ରୀଡାର ବିକାଶ ପାଇଁ ୩୧୪ଟି



ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଏବଂ ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ ପାଇଁ ପ୍ରତିଶୃତି ଆଦି ଉପରେ ଏହି ବିକାଶ ରଥ ସଚେତନତା କରିବ । ସେହିଭଳି କୃଷକଙ୍କ ପାଇଁ ରାଜ୍ୟ ସରକାର ଆସିବା ପରେ ଧାନ ମୂଲ୍ୟ ବୃଦ୍ଧି ସହିତ ଇନପୁଟ୍ ସହାୟତା, ଶୀତଳ ଭଣ୍ଡାର, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ୧୯,୩୬୧.୬୯ କୋଟି ଟଙ୍କାର ଋଣ ପ୍ରଦାନ ଓ କାମଧେନୁ ଯୋଜନାରେ ରାଜ୍ୟରେ ୧୫ଲକ୍ଷରୁ ଅଧିକ ଦୁଗ୍ଧ ଚାଷୀ ଉପକୃତ ହେବା ଆଦି ଉପରେ ଲୋକଙ୍କୁ ସଚେତନତା କରାଯିବ । ସେହିଭଳି ଶ୍ରମିକଙ୍କ ପାଇଁ କାମ ସବୁ ହାତକୁ, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦ ଏବଂ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କରିଥିବା ବିକାଶକୁ ଲୋକଙ୍କ ନିକଟକୁ ପହଂଚାଇବ ଏହି ବିକାଶ ବାହନ । ଏହାପରେ ସ୍ଥାନୀୟ ଅଶୋକ ମଣ୍ଡପ ଠାରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଆୟୋଜନ ହୋଇଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ଅଂଶଗ୍ରହଣ କରି ମାଣ୍ଡିଆ ପିଠା ସମେତ ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ପାରୁଲ ପଟାୱରୀ ଉଦଘାଟନ କରିଥିଲେ । ଏହି ୧୦ ଦିନିଆ ବିକାଶ ମେଳା ଅବସରରେ ସ୍ଥାନୀୟ ଜିସିଡି ପଡିଆ ଠାରେ ୧୦ଦିନିଆ ବିକାଶ ମେଳା କାର୍ଯ୍ୟକ୍ରମକୁ ସନ୍ଧ୍ୟା ୫ଟାରେ ଜିଲାପାଳ ପାରୁଲ ପଟାୱରୀ ଯୋଗଦେଇ ଉଦଘାଟନ କରିଛନ୍ତି । ଏହା ଆସନ୍ତା ୧୦ ଦିନଯାଏଁ ଚାଲିବ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ତଥା ଯୁଗାନ୍ତକାରୀ ଯୋଜନା ବିଷୟରେ ଜିଲ୍ଲାପାଳ ପାରୁଲ ସୂଚନା ଦେଇଥିଲେ । ଚାଷ ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ର ସମେତ ସମସ୍ତ କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ଜିଲ୍ଲାର ଜନସାଧାରଣ ଉପକୃତ ହୋଇଛନ୍ତି ଏବଂ ଆଗାମୀ ଦିନରେ ମଧ୍ୟ ଏହି ବିକାଶମୂଳକ କାର୍ଯ୍ୟ ଜାରି ରହିବ ବୋଲି ଜିଲ୍ଲାପାଳ ପାରୁଲ କହିଥିଲେ । ଏହି ଅବସରରେ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ବିଷ୍ଣୁ ମୋହନ କବି ଓ ଅନ୍ୟ କଳାକାରମାନଙ୍କ କଳା ଲୋକଙ୍କୁ ଆକୃଷ୍ଟ କରିଥିଲା । ଆଜିର ଏହି ମେଳକ୍ଷରେ ସମ୍ମାନିତ ଅତିଥି ଭାବରେ ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ଏସ ସ୍ୱାତୀ କୁମାର, ଖଣ୍ଡିୟ ବନ ଅଧିକାରୀ ଶ୍ରୀ ସଚିନ ଆନ୍ନା ସାହେବ ଓହଲେ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ରାୟଗଡ଼ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ଗୁଣୁପୁର ସୁଶ୍ରୀ କିରଣ ଦୀପ କୌର ସାହାଟେ, ଉପଜିଲ୍ଲାପାଳ ରାୟଗଡ଼ ଶ୍ରୀ ରମେଶ କୁମାର ଜେନା, ପ୍ରକଳ୍ପ ପ୍ରଶାସକ, ସାମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ରାୟଗଡ଼ ଶ୍ରୀ ଚନ୍ଦ୍ରକାନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray